ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.166 Bhubaneswar Sunday, August 15, 2021 | ୨୪ତମ ବର୍ଷ ସଂଖ୍ୟା-୧୬୬ ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୫, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


## କିଟ୍ ବିଶ୍ୱବିଦ୍ୟାଳୟର ୧୭ତମ ସମାବର୍ତ୍ତନ ଉତ୍ସବ

### ଛାତ୍ରଛାତ୍ରୀମାନେ ଦୁର୍ବଳ ବର୍ଗ ପ୍ରତି ସକାରାତ୍ମକ ଭାବନା ରଖନ୍ତୁ: ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୧୪।୦୮(ପି.ଏନ): ଗୁଣାତ୍ମକ ଶିକ୍ଷା ଓ ଗବେଷଣାର ଧାରା ବଜାୟ ରଖି ଭାରତକୁ ବିଶ୍ୱସ୍ତରରେ ଜ୍ଞାନ ଅର୍ଥନୀତିରେ ଶୀର୍ଷ ପହଞ୍ଚାଇବା ଦିଗରେ କାର୍ଯ୍ୟ କରି ଆସିଥିବା କିଟ୍ ବିଶ୍ୱବିଦ୍ୟାଳୟର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା କୌଶଳ ବିକାଶ ଓ ଔଦ୍ୟୋଗିକୀ ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶନିବାର କିଟ୍ ବିଶ୍ୱବିଦ୍ୟାଳୟର ୧୭ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀଙ୍କୁ କହିଲେ, ତୁମେମାନେ ଯେଉଁ ସବୁ ଜ୍ଞାନ ଆହରଣ କରିଛ, ତାହା ତୁମର ଭବିଷ୍ୟତ ନିର୍ମାଣ କରିବାରେ ସହାୟକ ହେବ। ତୁମେମାନେ ଉତ୍କୃଷ୍ଟତା ଲାଗି ପ୍ରୟାସ ଜାରି ରଖିଥିବା ବେଳେ ମୋର ଆଶା ଏହି ଉତ୍କର୍ଷତା ନେଇ ତୁମେମାନେ ଯେଉଁ ସଫଳତା ହାସଲ କରିବ ତାହା ସମାଜର ଦୁର୍ବଳ ବର୍ଗର ବ୍ୟକ୍ତିଙ୍କ ପାଇଁ ସକାରାତ୍ମକ ପ୍ରଭାବ ପକାଇବ। ସଂପ୍ରତି ଭାରତ ସରକାରଙ୍କ ଜାତୀୟ ଶିକ୍ଷାନୀତି - ୨୦୨୦ ଜରିଆରେ ଭାରତରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବ ବୋଲି ଶ୍ରୀ ପ୍ରଧାନ କହିଥିଲେ। କରୋନା କଟକଣା ମଧ୍ୟରେ ସମାବର୍ତ୍ତନ ଉତ୍ସବ ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶିଷ୍ଟ ଆଧ୍ୟାତ୍ମିକ ସାଧ୍ୱୀ ମାତା ଅମୃତାନନ୍ଦମୟୀ ଦେବୀ (ଆମ୍ମା)ଙ୍କୁ ସମ୍ମାନସୂଚକ ଡିଲିଟ୍ ପ୍ରଦାନ କରାଯାଇଥିବା ବେଳେ ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ 'ଏନାମ୍ ଗ୍ରୁପ୍ ଏବଂ ଦେଶ ଆପନାଏଁ ସହଯୋଗ ଫାଉଣ୍ଡେସନ୍'ର ପ୍ରତିଷ୍ଠାତା ତଥା ଫ୍ଲେମ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ନିର୍ଦ୍ଦେଶକ ବଲ୍ଲଭ ଭନ୍‌ଶାଲି ଓ ଫ୍ରାନ୍‌ସର ବିଶିଷ୍ଟ ରସାୟନ ନୋବେଲ୍ ବିଜେତା ପ୍ରଫେସର ଜିନ୍ ମାରି ଲେନ୍‌ଙ୍କୁ ମଧ୍ୟ ସମ୍ମାନସୂଚକ ଡକ୍ଟୋରେଟ୍ ପ୍ରଦାନ କରାଯାଇଥିଲା। ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ଗ୍ରହଣ କରି ମାତା ଅମୃତାନନ୍ଦମୟୀ କହିଲେ, ପରବର୍ତ୍ତୀ ପିଢ଼ି ପାଇଁ ଶିକ୍ଷା ଜରିଆରେ ମାନବିକ ମୂଲ୍ୟବୋଧ ତିଆରି କରିବା ହେଉଛି ବର୍ତ୍ତମାନ ସମୟରେ ଗୁରୁତ୍ୱପୂର୍ଣ୍ଣ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟ ସକାଶେ ଆମ୍ମା ଶ୍ରୀ ସାମନ୍ତଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସେହିପରି ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ଗ୍ରହଣ କରି ଶ୍ରୀ ଭନ୍‌ଶାଲି କହିଲେ, ଅଚ୍ୟୁତ ସାମନ୍ତ ସହାନୁଭୂତି, ପ୍ରତିବଦ୍ଧତା ଓ ସଫଳତାର ଶୀର୍ଷ ସ୍ଥାନ ଗ୍ରହଣ କରିଛନ୍ତି। କୃତଜ୍ଞତାଠାରୁ ଉଚ୍ଚ କୌଣସି ମାନବିକ ପ୍ରକୃତି ନାହିଁ ବୋଲି କହିବା ସହ ଛାତ୍ରଛାତ୍ରୀମାନେ ଏହି ଧର୍ମ ଅନୁସରଣ କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନସୂଚକ ଡକ୍ଟୋରେଟ୍ ଗ୍ରହଣ କରି ଉତ୍ତରରେ ଡ. ଲେନ୍ କିଟ୍ ଓ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ।ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, କରୋନା ମହାମାରୀ ସତ୍ତ୍ୱେ କିଟ୍‌ର ଛାତ୍ରଛାତ୍ରୀମାନେ ସଫଳତା ଲାଭ କରିଛନ୍ତି। ଏହି ଅବସରରେ ଶ୍ରୀ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କୁଳାଧିପତି ପ୍ରଫେସର ବେଦ ପ୍ରକାଶ କହିଲେ କେନ୍ଦ୍ର ସରକାର କିଟ୍‌କୁ ଏକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏମିନେନ୍‌ସ ଭାବେ ଚୟନ କରିଛନ୍ତି। ଏହା ଦ୍ୱାରା କିଟ୍ ଦେଶର କେତେକ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଆଦୃତ ହୋଇଛି। ଉପକୁଳାଧିପତି ପ୍ରଫେସର ଡ. ସୁବ୍ରତ ଆଚାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କହିଲେ, କିଟ୍‌ର ଅନନ୍ୟ ଲକ୍ଷ୍ୟ ହେଉଛି ଶିକ୍ଷା ଜରିଆରେ ଦାରିଦ୍ର୍ୟ ଦୂରିକରଣ। ଛାତ୍ରଛାତ୍ରୀମାନେ ଏହା ଉପରେ ଗୁରୁତ୍ୱ ଦେବା ଉଚିତ। କାର୍ଯ୍ୟକ୍ରମରେ କୁଳପତି ଦାୟିତ୍ୱରେ ଥିବା ପ୍ରଫେସର ସସ୍ମିତା ସାମନ୍ତ ବାର୍ଷିକ ବିବରଣୀ ପାଠ କରିବା ସହ କିଟ୍‌ର ବିଶ୍ୱସ୍ତରୀୟ ର୍‍ୟାଙ୍କ ସଂପର୍କରେ ସୂଚନା ଦେଇଥିବା ବେଳେ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସମାବର୍ତ୍ତନ ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟର ୨୦୨୦-୨୧ ବ୍ୟାଚ୍‌ର ମୋଟ ୭୦୩୨ ଛାତ୍ରଛାତ୍ରୀଙ୍କୁ ଭର୍ଚୁଆଲ୍ ମୋଡ୍‌ରେ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୁଷ କୁମାର, ବାସେଲ୍ ନାସର ଏବଂ ସୁଧାଂଶୁ ଉପାଧ୍ୟାୟଙ୍କୁ ଚଳିତବର୍ଷର ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବା ବେଳେ ୨୨ଜଣ ଛାତ୍ରଛାତ୍ରୀଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ, ୩୧ଜଣଙ୍କୁ କୁଳପତି ରୌପ୍ୟପଦକ ପ୍ରଦାନ କରାଯାଇଥିଲା। ନନୀବାଳା ସ୍ୱର୍ଣ୍ଣପଦକ, ଶ୍ରୀ କୃଷ୍ଣ ଚନ୍ଦ୍ର ପଣ୍ଡା ସ୍ମାରକୀ ସ୍ୱର୍ଣ୍ଣ ପଦକ, ପି. କେ. ବଳ ସ୍ମାରକୀ ସ୍ୱର୍ଣ୍ଣପଦକ, ପିପିଏଲ୍ ସ୍ୱର୍ଣ୍ଣପଦକ ଦିଆଯାଇଥିବା ବେଳେ ୬୧ଜଣ ଗବେଷଣାରତ ଛାତ୍ରଛାତ୍ରୀଙ୍କୁ ପିଏଚ୍‌ଡ଼ି ଡ଼ିଗ୍ରୀ ପ୍ରଦାନ କରାଯାଇଥିଲା।

## ସ୍ୱାଧୀନତା ଦିବସରେ ଓଡିଶାରୁ ୮୦ ପୋଲିସ୍ ଅଧିକାରୀ ପାଇବେ ପଦକ

ଭୁବନେଶ୍ୱର,୧୪।୮(ପି.ଏନ): ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ଦେଶର ପୋଲିସ କର୍ମଚାରୀମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯିବ। ଶନିବାର ଗୃହ ମନ୍ତ୍ରାଳୟ ପକ୍ଷରୁ ବିଭିନ୍ନ ପଦକ ଲାଗି ମନୋନୀତ ପୋଲିସ କର୍ମଚାରୀଙ୍କ ନାମ ପ୍ରକାଶ କରାଯାଇଛି। ଓଡ଼ିଶାର ୨ଜଣ ପୋଲିସ କର୍ମଚାରୀଙ୍କୁ ରାଷ୍ଟ୍ରପତି ପଦକ, ୬୭ଜଣଙ୍କୁ ବୀରତା ପଦକ ଓ ୧୧ଜଣଙ୍କୁ ଉତମ ସେବା ପାଇଁ ପୋଲିସ ପଦକ ମିଳିବ ବୋଲି ଜଣାପଡ଼ିଛି। ରାଷ୍ଟ୍ରପତି ପଦକ ପାଇବାକୁ ଥିବା ଦୁଇ ପୋଲିସ୍ ଅଧିକାରୀ ହେଲେ ଡିଏସପି ଉମାଶଙ୍କର ପଣ୍ଡା ଓ ଭିଜିଲାନ୍ସ କନେଷ୍ଟବଳ ଭାବଗ୍ରାହୀ ତ୍ରିପାଠୀ ।ଉଲ୍ଲେଖନୀୟ ସେବା ପାଇଁ କଟକ ସେଂଟ୍ରାଲ ରେଞ୍ଜ ଆଇଜି ନରସିଂହ ଭୋଳ, ଯାଜପୁର ଅତିରିକ୍ତ ଏସପି ଜୟରାମ ଶତପଥୀ, ଏସଓଜି ଡେପୁଟୀ କମାଣ୍ଡାଂଟ ଅଶୋକ କୁମାର ସାହୁ, କଟକ ଯୁପିଡିର ସହକାରୀ କମିଶନର ଅମରେନ୍ଦ୍ର ପଣ୍ଡା, ବରଗଡ଼ର ଡେପୁଟିଏସପି ପ୍ରଦୀପ କୁମାର ସାହୁ, ସମ୍ବଲପୁରର ଡେପୁଟି ଏସପି ତପନ କୁମାର ସାହୁ, ଭବାନୀପାଟଣାର ଭିଜିଲାନ୍ସ ଡେପୁଟି ଏସପି ସତ୍ୟବାନ ମହାନନ୍ଦ, ଭୁବନେଶ୍ୱର ଅର୍ଥନୈତିକ ଅପରାଧ ଶାଖା ଏସଆଇ ସୁକାନ୍ତ କୁମାର ମହାନ୍ତି, ଭୁବନେଶ୍ୱର ଯୁପି ଓ ଟିଟିଆଇର ହାବିଲଦାର ଶେଖ୍ ଅବିର, କଟକ ଭିଜିଲାନ୍ସ ନିର୍ଦ୍ଦେଶାଳୟର କନଷ୍ଟେବଳ ଭଗବାନ ସାହୁ ଓ ରାଉରକେଲା ଓଏସଏପି ଚତୁର୍ଥ ବାଟାଲିୟନର ସିପାହି ବିଶ୍ୱକର୍ମା ମୁଣ୍ଡାଙ୍କୁ ପୋଲିସ ପଦକ ମିଳିବ ।

## ବିଶ୍ୱ ବିଦିତ ନବୀନ ପଟ୍ଟନାୟକଙ୍କୁ 'ଭାରତ ରତ୍ନ' ପ୍ରଦାନ ପାଇଁ ସମଲେଇ ପୀଠରୁ ଆରମ୍ଭ ହେବ ଦସ୍ତଖତ ଅଭିଯାନ



ସମ୍ବଲପୁର,୧୪।୮(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚିନ୍ତାଧାରା ଓ ତତ୍ତ୍ୱର ବାସ୍ତବ ରୂପ ଦେଶବାସୀ ତଥା ବିଶ୍ୱବାସୀଙ୍କ ମନ ଜିଣିବାରେ ସକ୍ଷମ ହୋଇଛି ଏବଂ ତାଙ୍କ ବ୍ୟକ୍ତିତ୍ୱର ମହନନୀୟତା, ଭିନ୍ନ ଦୃଷ୍ଟିଭଙ୍ଗୀ ସମଗ୍ର ଦେଶବାସୀଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଛି। ଏଣୁ ଏହି ଯୋଗଜନ୍ମା, ବିକାଶ ପୁରୁଷ, ରାଷ୍ଟ୍ର ଜନନାୟକ, ଅଦ୍ୱିତୀୟ ଜନନେତା, ଶ୍ରେଷ୍ଠ ପ୍ରଶାସକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭାରତର ସର୍ବଶ୍ରେଷ୍ଠ ସମ୍ମାନ 'ଭାରତ ରତ୍ନ' ଉପାଧି ପ୍ରଦାନ କରାଯିବା ଉଚିତ ହେବ ବୋଲି ସୋସିଆଲ ଆଣ୍ଡ କଲଚରାଲ ଏଡ଼ଭାନ୍‌ସ ନେଟୱାର୍କ (ସ୍କାନ) ପକ୍ଷରୁ ନିବେଦନ କରାଯାଇଛି। ଏହି ମର୍ମରେ 'ସ୍କାନ' ପକ୍ଷରୁ ଶନିବାର ସମ୍ବଲପୁର ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଡକାଯାଇ ନବୀନ ପଟ୍ଟନାୟକ ଙ୍କୁ 'ଭାରତ ରତ୍ନ' ପ୍ରଦାନ ନିମନ୍ତେ ଓଡିଶାର ପ୍ରତି ଘରୁ ଦସ୍ତଖତ ଅଭିଯାନ ଅଗଷ୍ଟ ପନ୍ଦର ସ୍ୱାଧୀନତା ଦିବସ ଠାରୁ ମା' ସମଲେଇ ପୀଠରୁ ଆରମ୍ଭ କରାଯିବା ନେଇ ସୂଚନା ଦିଆଯାଇଛି ଓ 'ସ୍କାନ' ର ମୁଖ୍ୟ ଉପଦେଷ୍ଟା ପୂର୍ବତନ ବିଧାୟିକା ଡ଼. ରାସେଶ୍ୱରୀ ପାଣିଗ୍ରାହୀ ସାମ୍ବାଦିକ ମାନଙ୍କୁ ସମ୍ବୋଦିତ କରି ବିଶ୍ୱ ବିଦିତ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ୨୦୦୦ ମସିହାରୁ ଆଜି ଯାଏଁ ଏକ ନିରବଚ୍ଛିନ୍ନ ଅବଧି କାର୍ଯ୍ୟକରି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଉଚ୍ଚ ପ୍ରଶଂସିତ ହୋଇ ଅନେକ କ୍ଷେତ୍ରରେ ସାରା ଦେଶ ତଥା ବିଶ୍ୱ ପାଇଁ ଉଦାହରଣ ପାଲଟିଛନ୍ତି। ଏଣୁ ତାଙ୍କୁ ଏହି ସର୍ବୋଚ୍ଚ ଉପାଧି ପ୍ରଦାନ କରାଯିବା ଯୁକ୍ତିଯୁକ୍ତ ଅଟେ ବୋଲି ସେ ପ୍ରକାଶ କରିଥିଲେ। ଅନୁଷ୍ଠାନର ଅଧକ୍ଷ ତଥା ଏହି ଦସ୍ତଖତ ଅଭିଯାନର ଆବାହକ ସୁଧାଂଶୁ ଶେଖର ମହାରଣା ସୂଚନା ଦେଇ ଓଡିଶାର ପ୍ରତିଘରୁ ଦସ୍ତଖତ ଅଭିଯାନ କରାଯିବା ସହ ୧୪୭ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ୫ ମହାନଗର ନିଗମ, ୩୪ ମୁନୁସିପାଲିଟି, ୬୭ ଏନଏସି ଅଂଚଳ ସହ ୩୧୪ ବ୍ଲକ ର ୫୩, ୮୪୫ ଗ୍ରାମ ପରିକ୍ରମା କରି ପ୍ରାୟ ୧ କୋଟି ଦସ୍ତଖତ ସଂଗ୍ରହ କାରାଯିବ ବୋଲି ପ୍ରକାଶ କରିଥିଲେ ଓ ଏହା ଆସନ୍ତା ବର୍ଷ ଜାନୁଆରୀ ୧୫ ତାରିଖ ଦିନ ଶେଷ ହେବାକୁ ଥିବା ବେଳେ ଜାନୁଆରୀ ୨୩ ତାରିଖ ଦିନ ସମସ୍ତ ଦସ୍ତଖତ ପତ୍ର ଗୁଡିକୁ ମହାମହିମ ରାଷ୍ଟ୍ରପତିଙ୍କୁ ପ୍ରଦାନ କାରାଯାଇ ନବୀନ ପଟ୍ଟନାୟକ ଙ୍କୁ 'ଭାରତ ରତ୍ନ' ଉପାଧି ପ୍ରଦାନ କରାଯାଉ ବାଲି ନିବେଦନ କାରାଯିବ ବାଲି ପ୍ରକାଶ କରିଥିଲେ। ଏହି ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ସରୋଜ ସାହୁ ଦୀର୍ଘ ୫ ମାସ ଧରି ହେବାକୁ ଥିବା କାର୍ଯ୍ୟକ୍ରମର ରୋଡ଼ ମ୍ୟାପ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ ଓ ଏହି ଅବସରରେ 'ସ୍କାନ' ର ଅନ୍ୟତମ ଉପଦେଷ୍ଟା ଗୁରଜୀନ୍ଦର ସିଂ ଡିଙ୍ଗରା, ପାର୍ବତୀ ସେଠ, ସମ୍ପାଦକ କୂଳ ଶେଖର ବାରିକ, ଜିଲ୍ଲା ସଂଯୋଜକ ହୀରାଲାଲ ବେହେରା, ଆଇନ ପରାମର୍ଶ ଦାତା ପ୍ରଫୁଲ୍ଲ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ଅଭିନନ୍ଦନ

ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ଆମର ଅଗଣିତ ପାଠକ-ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ ସ୍ୱପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ। **-ସମ୍ପାଦକ**

### ଛୁଟି ଘୋଷଣା

ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ଅଗଷ୍ଟ ୧୫ ତାରିଖ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୭ ତାରିଖରେ ପ୍ରକାଶ ପାଇବ ।

**-ପ୍ରକାଶକ**


ସମସ୍ତ ଦେଶବାସୀଙ୍କୁ
75ତମ ସ୍ୱାଧୀନତା ଦିବସର
ହାର୍ଦ୍ଦିକ ଶୁଭକାମନା
ଜୟହିନ୍ଦ

Azadi Ka Amrit Mahotsav

ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର

"ଦେଶର ଅମୃତ ମହୋତ୍ସବ ସ୍ୱାଧୀନତା ହେଉଛି କୋଟି କୋଟି ଭାରତୀୟଙ୍କ ପର୍ବ, ଯାହାକି ସମ୍ପୂର୍ଣ୍ଣ ଭାରତର ହିଁ ପରମ୍ପରା, ସ୍ୱାଧୀନତା ସଂଗ୍ରାମର ପ୍ରତିଫଳନ ଏବଂ ସ୍ୱାଧୀନ ଭାରତକୁ ଗୌରବାନ୍ୱିତ କରୁଥିବା ବିଶେଷ ପ୍ରଗତି ଅଟେ। ଏହି ଆୟୋଜନ ଆମର ଗତ ୭୫ବର୍ଷର ସଫଳତାକୁ ସାରା ଦୁନିଆ ସାମ୍ନାରେ ରଖିବା ଏବଂ ଆଗାମୀ ୨୫ ବର୍ଷ ନିମନ୍ତେ ବିକାଶର ରୂପରେଖ ଏବଂ ସଂକଳ୍ପ ନେବା ପାଇଁ ଏହା ପ୍ରେରଣାଦାୟୀ ଅଟେ।"

- ନରେନ୍ଦ୍ର ମୋଦି



davp 22201/13/0010/2122

କୋଣ ଅନୁକୋଣରେ, ପ୍ରତ୍ୟେକ ହୃଦୟରେ... ପ୍ରଥମେ ଦେଶ

ଲାଲକିଲା ପ୍ରାଙ୍ଗଣରୁ ସ୍ୱାଧୀନତା ଦିବସ ସମାରୋହ
ପ୍ରାତଃ ୬:୨୫ ପରେ ଦୂରଦର୍ଶନ ଦ୍ୱାରା ସିଧା ପ୍ରସାରଣ

#AmritMahotsav
କ୍ୟୁଆର କୋଡ଼ ସ୍କାନ କରନ୍ତୁ ଏବଂ ସ୍ୱାଧୀନତାର ଅମୃତ ମହୋତ୍ସବରେ ଭାଗ ନିଅନ୍ତୁ








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

# ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଋର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଋରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ତେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି



ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଋର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୧, ଅଗଷ୍ଟ ୧୫**

# ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ–'ଅଟଳଜୀ'

ଦୀନ ଦୟାଳ ଉପାଧ୍ୟାୟଙ୍କ ମାସିକ ହିନ୍ଦ ପତ୍ରିକା ରାଷ୍ଟ୍ରଧର୍ମୀ ହିନ୍ଦୀ ସାପ୍ତାହିକୀ 'ପଞ୍ଚଜନ୍ୟ' ତଥା ଦୈନିକ ପତ୍ରିକା 'ସ୍ୱଦେଶ' ଏବଂ 'ବୀର ଅର୍ଜୁନ' ଭଳି ପତ୍ରିକାର ସାମ୍ବାଦିକ ଭାବେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ ଅଜାତ ଶତ୍ରୁ 'ଅଟଳ ବିହାରୀ ବାଜପେୟୀ' ୧୯୨୪ ମସିହା ଡ଼ିସେମ୍ବର ୨୫ ତାରିଖରେ ଗ୍ୱାଲିୟରଠାରେ ଅଟଳ ବିହାରୀ ବାଜପେୟୀ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା କୃଷ୍ଣ ବିହାରୀ ବାଜପେୟୀ ଥିଲେ ଜଣେ ସ୍କୁଲ୍ ଶିକ୍ଷକ। ବାଜପେୟୀ ସରସ୍ୱତୀ ବିଦ୍ୟାମନ୍ଦିରରୁ ସ୍କୁଲ୍ ଶିକ୍ଷା ଗ୍ରହଣ କଲା ପରେ ଗ୍ୱାଲିୟର ଭିକ୍ଟୋରିଆ କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଡ଼ିଏଭି କଲେଜ କାନପୁରରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ବଡ଼ କଥା ହେଲା ସେ ତାଙ୍କ ପିତାଙ୍କ ସହିତ ମିଶି ଗୋଟିଏ କଲେଜରେ ଏକାଠି ଆଇନ ପାଠ ପଢିଥିଲେ। ୧୯୩୯ ମସିହାରେ ଆର.ଏସ୍.ଏସ୍.ର ସଭ୍ୟ ଭାବେ ଯୋଗ ଦେଇ ପରେ ପ୍ରଚାରକ ଦାୟିତ୍ୱରେ ରହିଥିଲେ।ଆର.ଏସ୍.ଏସ୍‌ର ଉତ୍ପନ୍ନ ରାଜନୈତିକ ଦଳ 'ଭାରତୀୟ ଜନସଂଘ' ଯର ପ୍ରତିଷ୍ଠାତା ସଦସ୍ୟ ଥିଲେ। ୧୯୬୮ରୁ ୧୯୭୩ ପର୍ଯ୍ୟନ୍ତ ଅଧ୍ୟକ୍ଷ ଦାୟିତ୍ୱରେ ମଧ୍ୟ ରହିଥିଲେ। ୧୯୭୫ରେ ଘୋଷିତ ଜରୁରୀ ପରିସ୍ଥିତିରେ ବାଜପେୟୀଜୀଙ୍କୁ ଗୃହବନ୍ଦୀରେ ରହିବାକୁ ପଡ଼ିଥିଲା। ୧୯୮୦ରେ ପ୍ରତିଷ୍ଠିତ ଭାରତୀୟ ଜନତା ପାର୍ଟିର ଅଧ୍ୟକ୍ଷ ଦାୟିତ୍ୱରେ ରହିଲେ। ବାସ୍ତବରେ ଶୂନରୁ ଆରମ୍ଭ ହୋଇଥିବା ଦଳ ଆଜି ଶୀର୍ଷ ସ୍ଥାନରେ ପହଞ୍ଚି ପାରିଛି। ଏହା କେବଳ ସମ୍ଭବପର ହୋଇପାରିଛି ଅଟଳଜୀଙ୍କ ଯୋଗୁଁ ସଂସଦକୁ ଦଶଥର ନିର୍ବାଚିତ ହୋଇ ଆସିଥିଲେ ଅଟଳଜୀ। ଏପରିକି ଥରଟିଏ ଚାରିଟି ରାଜ୍ୟରୁ ପ୍ରତିଦ୍ୱନ୍ଦିତା କରି ସବୁ ଆସନରୁ ବିଜୟୀ ହୋଇଥିଲେ ଅଣକଂଗ୍ରେସ ରାଜନୀତିରୁ ଆସି ତିନିଥର ପ୍ରଧାନମନ୍ତ୍ରୀ ପଦବୀର ଅଧିକାରୀ ହୋଇପାରିଥିଲେ ଅଟଳ ବିହାରୀ ବାଜପେୟୀ। ବାଜପେୟୀଙ୍କ ଲୋକପ୍ରିୟତାର ରହସ୍ୟ ହେଉଛି, ତାଙ୍କ ସ୍ୱାସ୍ଥ୍ୟ ପାଇଁ ଲକ୍ଷ୍ନୌର କିଛି ମୁସଲିମ୍ ଲୋକଙ୍କ ସମବେତ ପ୍ରାର୍ଥନା କରିବା, ହିନ୍ଦୁଧର୍ମକୁ ଆୟୁଧ କରି ଗଢି ତୋଳିଥିବା ଦଳର ଜଣେ ତୁଙ୍ଗ ନେତାଙ୍କ ସହ ମୁସଲିମ୍ ମାନଙ୍କ ଆକୁଳ ନିବେଦନ ଓ ଭଲ ପାଇବା ବାଜପେୟୀଙ୍କୁ କରିଛି ମହାମାନବ ଓ ଅତୁଳନୀୟ। ଅଟଳ ବିହାରୀ ବାଜପେୟୀ ଜୀ 'ଅଟଳ'ର ଯଥାର୍ଥତା ପ୍ରତିପାଦନ କରିପାରିଛନ୍ତି। ସେ 'ମୃତ୍ୟୁ'କୁ ମଧ୍ୟ ଆହ୍ୱାନ କରିଛନ୍ତି ଯେ, ଯଦି ସାହସ ଅଛି ସାମ୍ନାକୁ ଆସ, ମୋ ସହ ଲଢେଇ କର। କିନ୍ତୁ ହ୍ୱିଲ ଚେୟାରରେ ବସି ନଅବର୍ଷ ଜୀବନ କାଟିଥିବା ବାଜପେୟୀ ଜୀ ଆଜିର ଦିନ ଅର୍ଥାତ ୧୬ ଅଗଷ୍ଟ ୨୦୧୮ରେ ଜୀବନ ଦୀପ ଲିଭି ଯାଇଥିଲା। ଦେଖୁ ଦେଖୁ ଦୁଇବର୍ଷ ହୋଇଗଲା। ଅଟଳ ବିହାରୀ ବାଜପେୟୀ ହେଉଛନ୍ତି ମେଣ୍ଟ ସରକାର ଗଠନର ଆଦ୍ୟ ଉଦ୍‌ଗାତା। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏନ୍‌ଡ଼ିଏ ହେଉଛି ଦେଶର ସଫଳ ମେଣ୍ଟ ସରକାର। ସେ ହେଉଛନ୍ତି ପ୍ରଥମ ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ ଯେ କି ୫ ବର୍ଷ ପୁରା କରିପାରିଥିଲେ। ୧୯୯୬ ମସିହାରେ ତାଙ୍କ ନେତୃତ୍ୱରେ ବିଜେପି ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା। ରାଷ୍ଟ୍ରପତି ବାଜପେୟୀଙ୍କୁ ସରକାର ଗଠନ ପାଇଁ ଆମନ୍ତ୍ରଣ କରିଥିଲେ। କିନ୍ତୁ ବାଜପେୟୀ ଗୃହରେ ସଂଖ୍ୟା ଗରିଷ୍ଠତା ପ୍ରମାଣ ଦେଇ ନ ପାରିବାରୁ ମାତ୍ର ତେର ଦିନ ସେ ସରକାର ଭାଙ୍ଗି ଯାଇଥିଲା। ସେ ଯାଇଥିଲେ ରାଷ୍ଟ୍ରପତିଙ୍କ ପାଖକୁ ନିଜର ଇସ୍ତଫା ପ୍ରଦାନ କରିବା ପାଇଁ। କିନ୍ତୁ ଦୃଢତାର ସହ କହିଥିଲେ ଆମ ରାସ୍ତାରୁ ଆମେ ହଟିବୁ ନାହିଁ, କାମ ବନ୍ଦ ହେବ ନାହିଁ। ୧୯୯୮ରେ ପୁଣି ସରକାରକୁ ଆସିଥିଲା ବାଜପେୟୀ ସରକାର। ବର୍ତ୍ତମାନ ୧୩ ଦିନରୁ ରହିଥିଲା ୧୩ ମାସ ବାଜପେୟୀ ସରକାର। ସେ କହୁଥିଲେ ଯେ ରାରଜନୀତି ଯଦି ଠିକ୍ ରାସ୍ତାରେ ଚାଲୁଅଛି, ତେବେ ଦିନ ନା ଦିନେ ଲୋକେ ପୁଣି ସମର୍ଥନ କରିବେ। ୧୯୯୯ରେ ବାଜପେୟୀ ସଂଖ୍ୟା ଗରିଷ୍ଠତା ପାଇ ପାଞ୍ଚବର୍ଷ ପାଇଁ ସରକାର ଗଠନ କରିଥିଲେ। ତାଙ୍କର ଦୂରଦୃଷ୍ଟି ବଳରେ ଅନେକ ଯୋଜନା ଗାଁ ଗାଁରେ ପହଞ୍ଚି ପାରିଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ସର୍ବଶିକ୍ଷା ଅଭିଯାନ, ଦୂରସଞ୍ଚାର ବିପ୍ଳବ, ପ୍ରତିରକ୍ଷା ବିଭାଗର ଦୃଢତା, ଅର୍ଥନୈତିକ ସ୍ଥିରତା, ପୋଖରାନ ପରୀକ୍ଷଣ, ଚନ୍ଦ୍ର ଅଭିଯାନ ଆଦି ଯୋଜନାକୁ ସଫଳ ରୂପାୟନ ଦେବାରେ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନକୁ ଦେଶବାସୀ ଭୁଲିପାରିବେ ନାହିଁ। ଗୋଟିଏ ପଟେ ପରମାଣୁ ପରୀକ୍ଷା କରିବାକୁ ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରୁଥିବା ପ୍ରଧାନମନ୍ତ୍ରୀ ଆର ପଟେ ସାରା ବିଶ୍ୱ ସହ ସୁସମ୍ପର୍କ ରଖିବାକୁ ନିଜର ସକଳ ବୁଦ୍ଧି ବିବେକ ପ୍ରୟୋଗ କରୁଥିଲେ। ଏପରିକି ଲାହୋରକୁ ବସ୍ ଚଳାଚଳ କରିବାର ଦୁଃସାହସିକ ପଦକ୍ଷେପକୁ ପ୍ରଶଂସା ନକରି ରହି ହେବନାହିଁ। ପରମାଣୁ ପରୀକ୍ଷା ପରେ ସଂସଦରେ ବିରୋଧୀଙ୍କ ପ୍ରଶ୍ନର ଜବାବ ଦେଇ କହିଥିଲେ ଯେ, ଆମେ ପରମାଣୁ ପରୀକ୍ଷା କରୁଛୁ, କାହା ଉପରେ ଆକ୍ରମଣ କରିବା ପାଇଁ ନୁହେଁ, ବରଂ ଆମ ଉପରେ କେହି ନାଲିଆଖି ନ ଦେଖାଉ ବୋଲି। ବିପଦ ଆସିବା ପରେ ପ୍ରସ୍ତୁତ ହେବା ନା ଆଗରୁ ସଶକ୍ତ ହୋଇ ରହିବା। ଆମେ ସଶକ୍ତ ହୋଇ ରହିଲେ ବିପଦ ପାଖ ମାଡ଼ିବ ନାହିଁ। ରାଜନୀତିର ଭୀଷ୍ମ, ମେଣ୍ଟ ସରକାରର ଜନକ ଆଉ ଦେଶ ଜନତାଙ୍କ ଅବାଧ ସମର୍ଥନରେ ତିନି ତିନିଥର ସାଜିଛନ୍ତି ଅପ୍ରତିଦ୍ୱନ୍ଦୀ ପ୍ରଧାନମନ୍ତ୍ରୀ। ଜାତିସଂଘରେ ଭାରତୀୟ ରାଷ୍ଟ୍ରଭାଷାରେ ଭାଷଣ ଦେଇ ଅଭିଭୂତ କର ପାରିଥିଲେ। ସମସ୍ତ ବିଶ୍ୱବାସୀଙ୍କୁ। ସାରା ଦେଶକୁ ସଡ଼କ ପଥର ସଂଯୋଗୀକରଣ, କାର୍‌ଗିଲ ବିଜୟ, ପୋଖରାନ ପରୀକ୍ଷଣ, ଚନ୍ଦ୍ର ଅଭିଯାନ ଲୋକମାନଙ୍କ ହୃଦୟରେ ଚିରଦିନ ପାଇଁ ଅମର ହୋଇ ରହିବାର ଏକ ପନ୍ଥା କହିଲେ ଅତ୍ୟୁକ୍ତି ହେବନାହିଁ। ସେ ଥିଲେ ବିପ୍ଳବୀ କବି, ତ୍ୟାଗୀ, ସନ୍ନ୍ୟାସୀ, ପଦ୍ମବିଭୂଷଣ ତଥା ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ'ର ଅଧିକାରୀ। ତାଙ୍କର ପଦାଙ୍କ ଅନୁସରଣ କରି, ବାକି ଥିବା ଅଭିଳାଷକୁ ପୂରଣ କରିପାରିଲେ ତାହା ହିଁ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଅମାନବୀୟ ମୂଲ୍ୟବୋଧ ମୁକାବିଲାମୂଳକ ବିଶ୍ୱ ରାଜନୀତିରେ ସେ ଥିଲେ ଆଦର୍ଶ ସ୍ଥାନୀୟ। ତାଙ୍କର ସମୟରେ ନିଜର ସକରାତ୍ମକ ପ୍ରଭାବ ଦ୍ୱାରା ଅର୍ଜନ କରିଥିବା ସ୍ନେହ ଓ ସମ୍ମାନ ତାଙ୍କୁ ପ୍ରଶଂସନୀୟ କରି ପାରିଥିଲା। ବିଭିନ୍ନ ବିପରୀତ ଧର୍ମୀ ମତାମତ ଏବଂ ବିଶ୍ୱ ଦୃଷ୍ଟି ନେଇ ସେ ନିଜର ସ୍ୱତନ୍ତ୍ର ପଥ ବାଛି ନେଇଛନ୍ତି। ସେ ଦଳ ବିହୀନ ଗଣତନ୍ତ୍ରର ପ୍ରତୀକ ଥିଲେ। ସେ ଥିଲେ ମମତା, ସମତା, ଲଳିତାର ମୂଳସ୍ତମ୍ଭ। ବିଶ୍ୱ ଦୃଶ୍ୟପଟ୍ଟରେ ଭାରତକୁ ଏକ ନୂତନ ଶିଖରରେ ପହଞ୍ଚାଇବା ନିମନ୍ତେ ସେ ଭାରତକୁ ଗଢି ତୋଳିବାରେ ଏକ ସମଦୃଷ୍ଟି ସମ୍ପନ୍ନ ଭୂମିକା ନିର୍ବାହ କରିଥିଲେ। ତାଙ୍କ ସମୟରେ କେତେକ ଜଟିଳତମ ଓ କୌଶଳଗତ ସମସ୍ୟାକୁ ଦକ୍ଷତା ପୂର୍ବକ ଭବେ ସମାଧାନ କରି ପରିଥିଲେ। ନିଜ ଜୀବନକାଳରେ ସେ ମାନବିକତା ପ୍ରତି ଉତ୍ସର୍ଗକୃତ ଥିଲେ। ତାଙ୍କ ଜୀବନର ପୃଷ୍ଠାଗୁଡ଼ିକ ଥିଲା ପବିତ୍ର ଗ୍ରନ୍ଥ ସଦୃଶ। ବିଶେଷତଃ ନିଷ୍ପେସିତ, ଦଳିତ, ଅସହାୟ ଦୀନଦୁଃଖୀରଙ୍କଙ୍କର ମଙ୍ଗଳ ବିଧାନ ନିମନ୍ତେ ତାଙ୍କର ପ୍ରତ୍ୟେକଟି ବିଶ୍ୱାସ ଓ ରକ୍ତବିନ୍ଦୁ ସମର୍ପିତ ଥିଲା। ନିଜ ଜୀବନରେ ସେ ଅଦ୍ୱୈତବାଦ ତଥା ସଭିଏଁ ଏକ ଓ ଅଭିନ୍ନ ଚିନ୍ତାଧାରା ପୋଷଣ କରିଥିଲେ। ତାଙ୍କର ସ୍ପନ୍ଦନ, ଶକ୍ତି, ଉତ୍ସାହ ଓ ସକ୍ରିୟତା ବାସ୍ତବରେ ସମସ୍ତଙ୍କ ପାଇଁ ପ୍ରେରଣାଯୋଗ୍ୟ ସେ ଥିଲେ ହୃଦୟରେ ଅତ୍ୟନ୍ତ କୋମଳ। କିନ୍ତୁ ପରିସ୍ଥିତି ଅନୁଯାୟୀ ସେ ଦୃଢ ନିଷ୍ପତ୍ତି ତଥା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସିଦ୍ଧହସ୍ତ। ସର୍ବଦା ଶାନ୍ତିପ୍ରିୟ ବାଜପେୟୀ ପୋଖରାନରେ ପରମାଣୁ ପରୀକ୍ଷଣ କରିବାକୁ ପଛାଇନଥିଲେ। ଭାରତକୁ ଏକ ବିଶ୍ୱ ଶକ୍ତିରେ ପରିଣତ କରିବାକୁ ଚେଷ୍ଟା କରିଥିଲେ ବାଜପେୟୀ। ଅଟଳଜୀ ଥିଲେ ଆଧୁନିକ ଭାରତର ନିର୍ମାତା ଏବଂ ସମ୍ପ୍ରତି ଦେଶକୁ ଗୌବାନ୍ୱିତ କରିଥିବା ଅନେକ ସଫଳତା ତାଙ୍କ ଦୂରଦୃଷ୍ଟିର ଫଳଶ୍ରୁତି। ଆଜି ୧୬ ଅଗଷ୍ଟ ୨୦୧୮ ଦିନରେ ସେ ଚିର ନିଦ୍ରାରେ ଶୋଇଯାଇଥିଲେ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସମ୍ମାନ ଭବନ,
ପ୍ଲଟ ନଂ–୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ–୩, ଶିଶୁପାଳଗଡ,–୭୫୧୦୦୨
ମୋବାଇଲ ନଂ–୯୪୩୭୯୯୪୩୭୯

# ଶ୍ରାବଣମାସ ଓ ଶିବଙ୍କ ମହାତ୍ମ୍ୟ

ଶ୍ରାବଣ ମାସ ଓ କାର୍ତ୍ତିକ ମାସକୁ ଧର୍ମର ମାସ କୁହାଯାଉଥିଲେ ମଧ୍ୟ ଶ୍ରାବଣ ମାସଟି ଶିବଙ୍କର ଅତି ପ୍ରିୟ ମାସ। ତେଣୁ ଶ୍ରାବଣମାସ ଆସିଗଲେ ବୋଲବମ୍‌ମାନେ ଚଳଚଞ୍ଚଳ ହୋଇ ଉଠନ୍ତି, ଜନସମାଗମ ହୋଇଯାଏ ଶୈବପୀଠ। ସାରା ଶ୍ରାବଣମାସ ନିଷ୍ଠାରେ ରହିବା, ନିରାମିଷ ସେବନ କରିବା ଏବଂ ସୋମବାର ପାଣିନେଇ, ଶିବମନ୍ଦିର ଯାଇ, ଶିବଙ୍କ ମୁଣ୍ଡରେ ପାଣି ଢାଳି ନିଜର ତଥା ପରିବାରର ଶୁଭ ମନାସୀଥାନ୍ତି। ଏହାପରେ ସେମାନଙ୍କର ରିଷ୍ଟ ଖଣ୍ଡନ ହୋଇଥାଏ ବୋଲି ପୁରାଣଶାସ୍ତ୍ରରୁ ଜଣାଯାଏ। କିନ୍ତୁ ଗତ ଦୁଇବର୍ଷ ଧରି ମହାମାରୀ କରୋନା ବିଭୀଷିକା ଯୋଗୁଁ, ସଂକ୍ରମଣକୁ ଦୃଷ୍ଟିରେ ରଖି ଦୁଇବର୍ଷ ଧରି ରାଜ୍ୟ ସରକାର ଏଥିରେ ରୋକ ଲଗାଇଛନ୍ତି।

ବହୁ ପୁରାତନ କାଳରୁ ଶିବଭକ୍ତ ମାନେ ନିଜର ମାନସିକ ପୂରଣ ପାଇଁ ଶ୍ରାବଣମାସର ସୋମବାର ମାନଙ୍କରେ ଶିବଙ୍କ ମସ୍ତକରେ ଜଳାଭିଷେକ ଲାଗି ବୋଲ୍‌ବମ୍ ଯାତ୍ରା କରିଥାନ୍ତି। ଶ୍ରାବଣମାସ ଶିବଙ୍କର ପ୍ରିୟ ମାସ ହୋଇଥିବାରୁ, ଏହି ମାସର ସୋମବାର ସହିତ ଭଗବାନ ଶିବଙ୍କର ନିବିଡ଼ ସମ୍ପର୍କ ରହିଛି। ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ପୃଥିବୀ ଉତ୍ତପ୍ତ ହୋଇଥାଏ ଏବଂ ଏହି ମାସର ଆଗମନରେ ଶ୍ରାବଣର ଧାରାରେ ପୃଥିବୀ ତୃପ୍ତ ବା ଶାନ୍ତ ହୋଇଥାଏ ଏବଂ ସବୁ ପ୍ରାଣୀଙ୍କର ମନସ୍କାମନା ପୂର୍ଣ୍ଣ ହୋଇଥାଏ। ତେଣୁ ଏହି ମାସରେ ଶିବଭକ୍ତମାନେ ଜ୍ୟୋର୍ତିଲିଙ୍ଗରେ ଜଳାଭିଷେକ କଲେ ଈଶ୍ୱରପ୍ରାପ୍ତି ହୋଇଥାନ୍ତି। ସେହିପରି କଥିତ ଅଛି ଯେ ଭଗବାନ ଶିବଙ୍କୁ ଫଳ, ଫୁଲ, ଧୂପ, ଦୀପ ଓ ନୈବେଦ୍ୟ ଦେଇ ପୂଜା କଲେ ଯେତିକି ପ୍ରସନ୍ନ ହୋଇନଥାନ୍ତି ଜଳାଭିଷେକ ଦ୍ୱାରା ତା'ଠୁ ବେଶି ପ୍ରସନ୍ନ ହୋଇଥାନ୍ତି। ପ୍ରତିବର୍ଷ ଶ୍ରାବଣ ମାସର ସୋମବାରମାନଙ୍କରେ ସବୁ ମହାଦେବ ମନ୍ଦିରରେ କାଉଡ଼ିଆଙ୍କ ଭିଡ଼ ଜମିଯାଏ। କାଉଡ଼ିଆମାନେ ନିଜର ମନସ୍କାମନା ପୂରଣ ପାଇଁ ଶ୍ରାବଣମାସ ସାରା ନିଷ୍ଠାପର ଜୀବନ ଯାପନ କରିବା ସହିତ ନିରାମଷ ଭୋଜନ କରିଥାନ୍ତି ଏବଂ ସୋମବାରରେ ଶିବଙ୍କ ମୁଣ୍ଡରେ ଜଳାଭିଷେକ କରିବା ଲାଗି ସ୍ଥିରି କରିଥାନ୍ତି। ଏଥିପାଇଁ ଦିନେ ଦୁଇଦିନ ପୂର୍ବରୁ ପୂଣ୍ୟପ୍ରଦ ନଦୀପଠାରେ ପ୍ରଥମେ ପୂଜାର୍ଚ୍ଚନା କରି ସେଠାରୁ ଜଳ ଉଠାଇ ଫୁଲ ଓ ବେଲପତ୍ରରେ ସୁସଜ୍ଜିତ ବାହୁଙ୍ଗୀ ସାହାଯ୍ୟରେ ଶିବମନ୍ଦିର ଅଭିମୁଖେ ପଦଯାତ୍ରା ଆରମ୍ଭ କରନ୍ତି। ବାଟରେ ଚାଲିବା ବେଳେ କ୍ଲାନ୍ତି ଦୂର କରିବା ପାଇଁ ଅଭିନବ ଉପାୟରେ ବୋଲ୍‌ବମ୍, ହରହର ବମ୍, ଭୋଳା ବାବା ପାର୍ କରେଗା, ଜଟିଆ ବାବା ପାର୍ କରେଗା ଆଦି ଉଚ୍ଚାରଣ କରିଥାନ୍ତି। ଏମାନଙ୍କୁ ଯାତ୍ରା ସମୟରେ ବିଭିନ୍ନ ଅନୁଷ୍ଠାନ ଓ ଧର୍ମବିଶ୍ୱାସୀ ଲୋକମାନଙ୍କ ତରଫରୁ ବିଭିନ୍ନ ସ୍ଥାନମାନଙ୍କରେ ତିଆରି ହୋଇଥିବା ଅସ୍ଥାୟୀ ଆଶ୍ରୟସ୍ଥଳୀରେ ବିଶ୍ରାମ କରିବା ପାଇଁ ସୁଯୋଗ ଦିଅନ୍ତି ଏବଂ ସେଠାରେ ତିଆରି ହୋଇଥିବା ଭାଡ଼ିରେ ସେମାନଙ୍କ ବାହୁଙ୍ଗୀକୁ ରଖିଥାନ୍ତି। କାରଣ ବାହୁଙ୍ଗୀ ତଳେ ରଖିଲେ କୌଣସି ଜୀବ ଜନ୍ତୁ ଛୁଇଁଦେଲେ ତାହା ଅପବିତ୍ର ହୋଇଯିବ। ଏହି ଅନୁଷ୍ଠାନ ଏବଂ ଧର୍ମବିଶ୍ୱାସୀ ଲୋକମାନେ କାଉଡ଼ିଆମାନଙ୍କୁ ମଧ୍ୟ ଭୋଜନରେ ଆପ୍ୟାୟିତ କରି ଏକ ପ୍ରକାର ପୂଣ୍ୟ ଅର୍ଜନ କରିଥାନ୍ତି।

ଶ୍ରାବଣ ମାସରେ ଭକ୍ତମାନେ କାହିଁକି ଶିବ ଶଙ୍କରଙ୍କୁ ଜଳଲାଗି କରିବାର ପବିତ୍ର ମାସ ବୋଲି କୁହାଯାଏ, ତାର ପୌରାଣିକ କାରଣ ହେଉଛି, ଶିବ ପୁରାଣରେ ଉଲ୍ଲେଖ ଅଛି ଯେ, ଏକଦା ଜଣେ ବ୍ୟକ୍ତି ଶିବଙ୍କୁ ପ୍ରଶ୍ନ କଲେ କାହିଁକି ଶ୍ରାବଣ ମାସ ଆପଣଙ୍କ ପ୍ରିୟ ? ତାଙ୍କ ପ୍ରଶ୍ନର ଉତ୍ତରରେ ଶିବ କହିଲେ, ଦେବତା ଓ ଅସୁର ମିଳିତ ଉଦ୍ୟମରେ ସମୁଦ୍ର ମନ୍ଥନ ହୋଇଥିଲା। ନାଗକୁ ରଜ୍ଜୁ କରି ଗୋଟିଏ ପଟେ ଦେବତା ଗଣ ଓ ଅନ୍ୟପଟେ ଅସୁରମାନେ ରହି ସମୁଦ୍ର ମନ୍ଥନ କରିଥିଲେ। ଶ୍ରାବଣମାସ ଅମାବାସ୍ୟା ଦିନ ସମୁଦ୍ରରୁ ଦେବତା, ଅମୃତ, ଧନରତ୍ନ, ଲକ୍ଷ୍ମୀ ପ୍ରଭୃତି ପ୍ରାପ୍ତ ହେଲା। ଶେଷରେ ଅତ୍ୟଧିକ ସମୁଦ୍ର ମନ୍ଥନ ଯୋଗୁ ସେଠାରେ ବିଷ ଜାତ ହେଲା ଏବଂ ସେହି ବିଷକୁ ଶିବ ପାନ କରିଥିଲେ। ବିଷର ଜ୍ୱାଳାରେ ତାଙ୍କର କଣ୍ଠ ନୀଳକଣ୍ଠ ଧାରଣ କଲା। ତେଣୁ ଶିବ ନୀଳକଣ୍ଠ ନାମରେ ମଧ୍ୟ ପରିଚିତ। ଶିବଙ୍କର ଏହି ବିଷକୁ ଲାଘବ କରିବା ନିମନ୍ତେ ଦେବତାମାନେ ତାଙ୍କ ମସ୍ତକରେ ଜଳ ଢାଳିବାରେ ଲାଗିଲେ, କ୍ଷୀର, ଗଙ୍ଗାଜଳ ଅଭିଶେଷ କଲେ, ବେଲପତ୍ର, ମନ୍ଦାର, କନିଅର ଫୁଲ ଶିବଙ୍କ ଉପରେ ଚଢାଇଲେ। ଏହା ଫଳରେ ଶିବଙ୍କର ବିଷ ଲାଘବ ହୋଇଥିଲା। ଏହି ଘଟଣାକୁ ମନେ ରଖିବା ପାଇଁ ଶ୍ରାବଣ ମାସରେ ଈଶ୍ୱରଙ୍କ ଉପରେ ଜଳ ଢଳାଯାଇ ଉତ୍ସବ ପାଳନ କରାଯାଏ। ସେହିପରି ଭଗବାନ ପର୍ଶୁରାମ ଶିବଙ୍କର ଜଣେ ପରମ ଭକ୍ତ ଥିଲେ। ସେ ଶିବଙ୍କର ଏକ ମନ୍ଦିର ପ୍ରତିଷ୍ଠା କରି ପ୍ରତିଦିନ ନିଜ ବାହୁଙ୍ଗି ସାହାଯ୍ୟରେ ଗଙ୍ଗାନଦୀର ଜଳକୁ ଶିବଙ୍କ ମୁଣ୍ଡରେ ଢାଳୁଥିଲେ। ରାମଚନ୍ଦ୍ର ଓ ରାବଣ ମଧ୍ୟ ଶିବଙ୍କର ପରମ ଭକ୍ତ ଥିଲେ, ସେ ଦୁଇଜଣ ମଧ୍ୟ ବାହୁଙ୍ଗିରେ ଜଳ ଆଣି ଶିବ ଅଭିଷେକ କରୁଥିବାର ଉଲ୍ଲେଖ କରାଯାଇଛି।ପିତୃଭକ୍ତ ଶ୍ରବଣ କୁମାର ନିଜର ଅନ୍ଧ ପିତାମାତାଙ୍କ ତୀର୍ଥ ଭ୍ରମଣର ସ୍ୱପ୍ନକୁ ସାକାର କରିବାକୁ ଯାଇ ନିଜ କାନ୍ଧରେ ବାହୁଙ୍ଗି ସାହାଯ୍ୟରେ ଦୁଇ ଭାରରେ ପିତାମାତାଙ୍କୁ ବସାଇ ଖାଲି ପାଦରେ ଚାଲି ଚାଲି ଗୟା, କାଶୀ, ପ୍ରୟାଗ ଓ ଅଯୋଧ୍ୟା ଆଦି ପ୍ରମୁଖ ତୀର୍ଥ ସ୍ଥାନ ଭ୍ରମଣ କରି ନିଜ ଭକ୍ତିର ପରିଚୟ ଦେଇଥିଲେ। ରାଣୀ କୈକେଇଙ୍କ ପ୍ରରୋଚନାରେ ପିତା ଦଶରଥଙ୍କ ନିର୍ଦ୍ଦେଶରେ ପ୍ରଭୁ ରାମଚନ୍ଦ୍ର ରାଜପ୍ରାସାଦ ପରିତ୍ୟାଗ କରି ନିଜର ସାନଭାଇ ଲକ୍ଷ୍ମଣ, ପତ୍ନୀ ସୀତାଙ୍କ ସହିତ ୧୪ ବର୍ଷ ବନବାସ ଯାଇ ପିତାଙ୍କ ସତ୍ୟ ରକ୍ଷା କରିଥିଲେ। ୧୨ ବର୍ଷର ବାଳକ ଧର୍ମପଦ ୧୨ ଶହ ବଢେଇଙ୍କ ଜୀବନ ବଞ୍ଚାଇବାକୁ ଯାଇ ନିଜେ ପ୍ରାଣବଳୀ ଦେଇଥିଲେ। ସତୀ ସାବିତ୍ରୀ ସତୀତ୍ୱ ବଳରେ ଯମରାଜଙ୍କୁ ପ୍ରସନ୍ନ କରି ନିଜ ସ୍ୱାମୀଙ୍କ ଜୀବନ ଫେରି ପାଇଥିଲେ। ଦାନବୀର ହରିଶ୍ଚନ୍ଦ୍ର ସତ୍ୟରକ୍ଷା କରିବାକୁ ଯାଇ ନିଜର ସବୁ ସମ୍ପତ୍ତି ଦାନ କରି ଶେଷରେ ଶ୍ମଶାନରେ ରାତ୍ରୀ ଜଗୁଆଳୀ ହୋଇ ଶବ ସତ୍କାର ପାଇଁ ନିଜ ସ୍ତ୍ରୀଙ୍କ ଠାରୁ ପାଉଣା ଦାବି କରିଥିଲେ। ଦେବ ଦେବ ମହାଦେବ ଶିବ ନିଜର ଦୁଇପୁତ୍ର ଗଣେଶ ଓ କାର୍ତ୍ତିକଙ୍କ ବୁଦ୍ଧି ପରୀକ୍ଷା କରିବାକୁ ଯାଇ ଉଭୟଙ୍କୁ ବିଶ୍ୱ ବ୍ରହ୍ମାଣ୍ଡ ଭ୍ରମଣ କରିବାକୁ ଆଦେଶ ଦେଇଥିଲେ। ଏ କଥା ଶୁଣି ସଙ୍ଗେ ସଙ୍ଗେ କାର୍ତ୍ତିକ ମୟୂର ପିଠିରେ ବସି ବିଶ୍ୱ ଭ୍ରମଣରେ ବାହାରିଲେ, କିନ୍ତୁ ଚତୁର ଗଣେଶ ନିଜର ପିତା ଶିବ ତ ହେଉଛନ୍ତି ବିଶ୍ୱ ବ୍ରହ୍ମାଣ୍ଡର ହର୍ତ୍ତା କର୍ତ୍ତା। ତେଣୁ ବିଶ୍ୱ ଭ୍ରମଣ ନକରି ପିତାଙ୍କ ଚାରିପଟେ ଘୂରିଆସି ନିଜ ବିଚକ୍ଷଣ ବୁଦ୍ଧିର ପରିଚୟ ଦେଇ ପିତାଙ୍କୁ ଖୁସି କରିପାରିଥିଲେ। ଭକ୍ତ ପ୍ରହ୍ଲାଦ ଭକ୍ତି ବଳରେ ନିଜର ପିତା ହିରଣ୍ୟକଶ୍ୟପଙ୍କ ଚକ୍ରାନ୍ତରେ ହତ୍ୟାର ଷଡ଼ଯନ୍ତ୍ରରୁ ମୁକ୍ତି ପାଇଥିଲେ। ଦାସିଆର ଭକ୍ତିରେ ସନ୍ତୁଷ୍ଟ ହୋଇ ପ୍ରଭୁ ଜଗନ୍ନାଥ ନିଜେ ହାତ ବଢାଇ ତାର ନଡ଼ିଆ ଗ୍ରହଣ କରିଥିଲେ। ଏହିସବୁ ଭକ୍ତମାନେ ନିଜର ଭକ୍ତି, ସାଧନା ଓ କର୍ମ ବଳରେ ନିଜର ପିତାମାତା ତଥା ଦେବାଦେବୀମାନଙ୍କୁ ସନ୍ତୁଷ୍ଟ କରିପାରିଥିଲେ। ଏହିମାନଙ୍କର ଭକ୍ତି, ନିଷ୍ଠା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି ।ବର୍ତ୍ତମାନ ଓଡ଼ିଶାରେ ବୋଲ୍‌ବମ୍ ଯାତ୍ରା ଏକ ଫେଶନରେ ପରିଣତ ହେଲାଣି। ପ୍ରତିବର୍ଷ ଶିବଭକ୍ତ ଏହି କାଉଡ଼ିଆମାନଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଅବଶ୍ୟ ଏବେ ଶ୍ରାବଣ ମାସ ସୋମବାରମାନଙ୍କରେ ଏବେକାର ଭକ୍ତମାନେ ଶିବଙ୍କ ମୁଣ୍ଡରେ ଜଳଲାଗି କଲେ ମୋକ୍ଷ ପ୍ରାପ୍ତି ହେଉଛି କି ନାହିଁ, ତାହା ଭଗବାନ ଶିବ ହିଁ ଜାଣନ୍ତି। ତଥାପି ଶ୍ରାବଣମାସ ଆସିଗଲେ ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁ ଶିବ ମନ୍ଦିରରେ କାଉଡ଼ିଆମାନଙ୍କର ଭିଡ଼ ଜମିଯାଏ। ଗାଁ ହେଉ ବା ସହର, ପଞ୍ଚାଏ ପିଲା ଏକାଠି ବସି ଆଲୋଚନା କରନ୍ତି ବୋଲ୍‌ବମ୍ ଯିବା ପାଇଁ। ବାସ୍ ସମସ୍ତେ ଏଥିରେ ଏକମତ ହୋଇ ନିଷ୍ପତ୍ତି ନେଇଥାନ୍ତି। ନିଷ୍ପତ୍ତି ଅନୁସାରେ ଏମାନେ ବିଭିନ୍ନ ରଙ୍ଗ ବେରଙ୍ଗର ଡ୍ରେସ୍ ପିନ୍ଧି ନିଜ ବାହୁଙ୍ଗୀକୁ ଗୁଡ଼ାଏ ପଇସା ଖର୍ଚ୍ଚ କରି ଅତ୍ୟାଧୁନିକ ଶୈଳୀରେ ସଜାଇ ବାହାରିଯାନ୍ତି ବୋଲ୍‌ବମରେ। ବୋଲ୍‌ବମ୍ ଯାତ୍ରା କରିବାରେ ଏମାନଙ୍କ ମାନସିକ ଥାଏ କି ନଥାଏ ବା ସାଙ୍ଗମାନଙ୍କ ବାଧ୍ୟବାଧକତାରେ ଯାଆନ୍ତି, ସେକଥା ସେମାନେ ହିଁ ଜାଣନ୍ତି। ଏହି ବୋଲ୍‌ବମ୍ ଭକ୍ତମାନେ କୌଣସି ଏକ ନଦୀରୁ ପାଣି ଉଠାଇ, ସାଙ୍ଗ ହୋଇ ରାସ୍ତା ଅବରୋଧ କରି ଅତି ତାସ୍ଚଲ୍ୟ ଭାବରେ ପାର୍ବତୀ ପତି ପାର୍ କରେଗା, ଗଣେଶ ଫାଦର ପାର୍ କରେଗା ଆଦି ଉଚ୍ଚାରଣ କରି ଦେବ ଦେବ ମହାଦେବ ଶିବଙ୍କୁ ଅପମାନିତ କରୁଛନ୍ତି। ଏହି ଯାତ୍ରା ସମୟରେ ବୋଲ୍‌ବମ୍ ଭକ୍ତ ବା କାଉଡ଼ିଆମାନେ ବିଭିନ୍ନ ପ୍ରକାର ନିଶା ସେବନ କରନ୍ତି ଯାହାକି ବୋଲ୍‌ବମ ଭକ୍ତମାନଙ୍କ ନୀତି ବିରୁଦ୍ଧ। ଏବେ ଦେଖିବାକୁ ମିଳୁଛି ଯେ, ବୋଲ୍‌ବମ୍ ଯାତ୍ରାକୁ ଅଧିକ ମନୋରଞ୍ଜନ କରିବା ପାଇଁ ସାଙ୍ଗରେ ସୁସଜ୍ଜିତ ଗାଡ଼ିରେ ବିଭିନ୍ନ ରକମର ଆଲୋକ ସହିତ ଡ଼ିଜେ ଗୀତର ତାଳେ ତାଳେ ଏମାନେ ବିଭିନ୍ନ ପ୍ରକାର ନୃତ୍ୟ ପ୍ରଦର୍ଶନ କରି ରାସ୍ତାରେ ଯାତାୟାତ କରୁଥିବାରୁ ସାଧାରଣ ଜନତାଙ୍କ ଯାତାୟତରେ ବାଧା ସୃଷ୍ଟି କରୁଛନ୍ତି। ଅନେକ ସମୟରେ ରାସ୍ତାରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ପ୍ରାଣ ହରାଉଛନ୍ତି ତ ଆଉ କେଉଁଠି ପାଣି ଉଠାଇଲା ବେଳେ ନଦୀର ସ୍ରୋତରେ ବୁଡ଼ି ମୃତ୍ୟୁବରଣ କରୁଛନ୍ତି ଯାହା ବିଭିନ୍ନ ଗଣମାମରେ ଦେଖିବାକୁ ମିଳୁଛି। ଆଉ କେହି କେହି ଏହି ବୋଲ୍‌ବମ୍ ଯିବା ନାମରେ ନିଜର ବାନ୍ଧବୀଙ୍କୁ ସାଙ୍ଗରେ ନେଇ ବାଟରେ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ଯାହାକି ଜନସାଧାରଣଙ୍କ ମହଲରେ ଘୋର ଅସନ୍ତୋଷ ଦେଖାଦେଉଛି। ଅବଶ୍ୟ ଏହି ଘଟଣା ସବୁ ଶିବଭକ୍ତଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ, ଏବେବି ଅନେକ ଶିବଭକ୍ତ ଅଛନ୍ତି ଯେଉଁମାନେ ନିଜର ମାନସିକ ପୂରଣ ପାଇଁ ପ୍ରଗାଢ ଭକ୍ତି ନିଷ୍ଠାପର ଭାବରେ ବୋଲ୍‌ବମ୍ ଯାତ୍ରାରେ ଯାଉଛନ୍ତି। ସେମାନେ ବାଟରେ କୌଣସି ଅପ୍ରୀତିକର ପରିସ୍ଥିତ ସୃଷ୍ଟି କରନ୍ତିନି କି କୌଣସି ଅଶ୍ଳୀଳ ଭାଷା ପ୍ରୟୋଗ କରିନଥାନ୍ତି। କିନ୍ତୁ ଯେଉଁ କାଉଡ଼ିଆମାନେ ବୋଲ୍‌ବମ୍ ଯାତ୍ରାକୁ ଏକ ଫେଶନ ଭାବି ଏହି ଯାତ୍ରାରେ ସାମିଲ୍ ହୋଇ ନିଶାଦ୍ରବ୍ୟ ସେବନ କରିବା ସହିତ ଅନୈତିକ କାର୍ଯ୍ୟରେ ଲିପ୍ତ ରହି ମହାଦେବ ଶିବଙ୍କୁ ଅପମାନିକ କରୁଛନ୍ତି ତଥା ପ୍ରସିଦ୍ଧ ବୋଲ୍‌ବମ୍ ଯାତ୍ରାକୁ କଳଙ୍କିତ କରୁଛନ୍ତି ବିଶେଷକରି ଏହି କାଉଡ଼ିଆ ଭକ୍ତମାନେ ଶିବଙ୍କ ମୁଣ୍ଡରେ ପାଣି ଢାଳିସାରିବା ପରେ ସେମାନେ ସାଙ୍ଗରେ ନେଇଥିବା ବିଭିନ୍ନ ସାମଗ୍ରୀ ଯଥା : ଫୁଲ, ବାହୁଙ୍ଗୀ, ସାଲୁକନା, ପ୍ଲାଷ୍ଟିକ କଳସ, ପଲିଥିନ୍, ଚିକିଟା ମାଟି, ବେଲପତ୍ର ଓ ଅନ୍ୟାନ୍ୟ ସାମଗ୍ରୀସବୁକୁ ବିଭିନ୍ନ ଶୈବପୀଠ ପରିସରରେ ଫୋପାଡ଼ି ସେହି ଅଞ୍ଚଳର ପରିବେଶକୁ ପ୍ରଦୂଷଣ କରିଥାନ୍ତି ଯାହା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଯଦି ଶିବ ଭକ୍ତମାନେ ବୋଲ୍‌ବମ୍ ଯାତ୍ରା ସମୟରେ ମହାଦେବଙ୍କୁ ଅପମାନ କରିବା ଭଳି କୌଣସି କୁଭାଷା ପ୍ରୟୋଗ ନକରି, ବାଟରେ କୌଣସି ନିଶାଦ୍ରବ୍ୟ ସେବନ ନକରି, କୌଣସି ଅନୈତିକ କାର୍ଯ୍ୟରେ ଲିପ୍ତ ନରହି ଏବଂ ଜଳାଭିଷେକ ପରେ ସାଙ୍ଗରେ ନେଇଥିବା ସାମଗ୍ରୀକୁ ଶୈବପୀଠ ପରିସରରେ ନ ଫୋପାଡ଼ି କୌଣସି ନଦୀରେ ଭସାଇ ଦେଲେ ପରିବେଶ ସୁରକ୍ଷା ସହିତ ବୋଲ୍‌ବମ୍ ଯାତ୍ରାର ମର୍ଯ୍ୟାଦା ବୃଦ୍ଧି ପାଇପାରିବ ଏବଂ ଶ୍ରାବଣ ମାସରେ ଶିବଙ୍କ ମୁଣ୍ଡରେ ଜଳଲାଗି ପରମ୍ପରା ବଜାୟ ରହିବ।



ସୁବାଷ କୁମାର ତାରଣିଆଁ

କଣ୍ଟି, ବାହାରଣା, ବାଲିକୁଦା,
ଜଗତସିଂହପୁର
ମୋ : ୮୩୨୮୮୪୦୨୧୪

# ବିପ୍ଳବୀ ଭଗତ ସିଂ

ପବିତ୍ର ବୀରଭୂମି ଭାରତ ଯାହାର ପ୍ରାଚୀନ ଐତିହ ସଂସ୍କୃତି, ଗୌରବ ସମ୍ବଳିତ, ଯେଉଁଠାରେ ଜନ୍ମ ନେଇଥିଲେ ପର୍ଶୁରାମ, ରାମ ଓ ବଳରାମ। ସେହି ପୂନ୍ୟ ଭୂମିରେ ଦେଶପ୍ରେମ ମାନବର ଏକ ମହନୀୟ ପ୍ରବୃତି। ଦେଶପ୍ରେମ ଏକ ଦିବ୍ୟ ଚେତନା। ଯେଉଁ ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଚବିଶ ବର୍ଷର ସାହସୀ ଯୁବକଟିଏ ହସି ହସି ଫାଶୀଖୁଣ୍ଟରେ ଝୁଲି ସହିଦ ହୋଇଗଲା ତାର ନାମ ଭଗତ୍ ସିଂ। ୧୯୦୭ ମସିହା ସେପ୍ଟମ୍ବର ମାସ ୨୭ ତାରିଖରେ ପଞ୍ଜାବର ଲୟାଲପୁର ଜିଲ୍ଲା (ବର୍ତମାନର ପାକିସ୍ତାନ) ବଙ୍ଗାଗ୍ରାମର ସର୍ଦ୍ଦାର କିଷନ୍ ସିଂ ଓ ବିଦ୍ୟାବତୀ କୋଳ ମଣ୍ଡନ କଲେ ଦେଶ ପ୍ରେମୀ ସାହାସୀ ଭଗତ୍ ସିଂ। ଭଗତ୍ ସିଂ ଜେଜେବାପା ଅର୍ଜୁର୍ନ ସିଂ ଇଂରେଜ ଶାସନକୁ ଘୃଣା କରୁଥିଲେ। ତାଙ୍କର ପ୍ରଭାବ ପିଲମାନଙ୍କ ଉପରେ ପଡିଥିଲା। ବିଦ୍ରୋହରେ ଯୋଗଦେଇ ସର୍ଦ୍ଦାର କିଷନ୍ ସିଂ ଓ ତାଙ୍କର ଦୁଇଭାଇ ଜେଲ୍ ଭୋଗିଲେ। ସେମାନେ ବନ୍ଦୀଶାଳାରେ ଥିବା ସମୟରେ ଭଗତ୍ ସିଂ ଜନ୍ମ ଗ୍ରହଣ କରିଥିଲେ। ଭଗତ୍ ସିଂ ପ୍ରଥମେ ଖାଲସା ସ୍କୁଲ, ପରେ ଲାହୋରର ଆଂଗ୍ଲୋବେଦିକ୍ ସ୍କୁଲରେ ପାଠ ପଢିଲେ। ସେହି ସ୍କୁଲରେ ମାଟ୍ରିକୁଲେଶନ ପାଶ୍ କରିବା ପରେ ଲାହୋରନ୍ୟାସନାଲ କଲେଜରେ ପାଠ ପଢିଲେ। ସେ କଲେଜରେ ବିପ୍ଳବୀ ଛାତ୍ର ସୁଖଦେବ ଓ ଯଶ ପାଲଙ୍କ ସହିତ ତାଙ୍କରପରିଚୟ ହେଲା। ଭଗତ୍ ସିଂ ନବମ ପଢୁଥିବା ସମୟରେ କାନପୁରଠାରେ ବସିଥିବା କଂଗ୍ରେସ ଅଧିବେଶନରେ ଯୋଗଦେଲେ। ୧୪ ବର୍ଷର ପିଲାଟି ଇଂରେଜ ସରକାରଙ୍କ ଅତ୍ୟାଚାର ସହି ନପାରି ପଞ୍ଜାବର ବିପ୍ଳବୀ ଦଳରେ ମିଶି ପ୍ରତିବାଦ ଆରମ୍ଭ କରିଦେଲେ। ସେ କହୁଥିଲେ ' ରକ୍ତ ବଦଳରେ ରକ୍ତ' ନ୍ୟାସନାଲ କଲେଜର ବାତାବରଣ ଥିଲା ଦେଶପ୍ରେମ ଓ ଦେଶଭକ୍ତିର ପରିବେଶ। ଏହି କଲେଜର ଉଦ୍ଦେଶ୍ୟ ଥିଲା। ସ୍ୱରାଜ୍ୟ ଲାଭ ପାଇଁ କର୍ମୀ ତିଆରି କରିବା । ଏହି କଲେଜର ଛାତ୍ରମାନେ ସରଳ ନିଡାମ୍ବର ଜୀବନଯାପନ ସାଙ୍ଗକୁ ନିଜ କାମ ନିଜେ କରୁଥିଲେ। ଦିନେ ଭଗତ୍ ସିଂ , ଯଶପାଲଙ୍କ ସାଥିରେ ରାବି ନଦୀରେ ସନ୍ଧ୍ୟା ସମୟରେ ନୌକା ବିହାର କରୁଥିଲେ। ହଠାତ୍ ଯଶପାଲ କହିଲେ ଭଗତ୍ ଆମେ ଆଜି ଉଭୟ ଦେଶ ପାଇଁ ଜୀବନ ଦେବାକୁ ପଣ କରିବା। ଭଗତ୍ ସିଂ ପ୍ରତିଜ୍ଞା କଲେ ଉଭୟ ଦେଶ ପାଇଁ ଲଢିବା, ଇଂରେଜ ଶାସନ କବଳରୁ ଦେଶକୁ ମୁକ୍ତ କରିବା। ଦେଶ ମାତୃକା ପାଇଁ ଜୀବନ ଦେଇ ଦେବା । ଉଭୟ ବନ୍ଧୁଙ୍କର ରାବି ନଦୀର ଜଳରାଶି ଉପରେ ପ୍ରତିଜ୍ଞା ଦିନେ ଫଳବତୀ ହେଲା। ପରାଧିନତାର ଶୃଙ୍ଖଳରେ ଶୋଇଥିବା ଦେଶକୁ ଉଠାଇବ କିଏ ? ଭଗତ୍ ସିଂ ଓ ତାଙ୍କର କିଛି ବନ୍ଧୁ ମିଶି ' କୃଷ୍ଣ ବିଜୟ' ନାମରେ ଏକ ନାଟକ ଅଭିନୟ କଲେ। ଏହି ନିଟକରେ ଇଂରଜେମାନଙ୍କୁ କୌରବ ଓ କଂଗ୍ରେସକୁ ପାଣ୍ଡବ "ଭାବରେ ବର୍ଣ୍ଣନା କରାଗଲା। ଏହି ନାଟକଟି ସରକାରଙ୍କ ବିରୋଧି ହେଲା। ଇଂରେଜ ସରକାର ନାଟକଟିକୁ ବେଆଇନ ଘୋଷଣା କଲେ। ୧୯୨୬ ମସିହାରେ ଭଗତ୍ ସିଂ ଏଫ.ଏ ପାଶ କରି ବି.ଏ ଶ୍ରେଣିରେ ନାମ ଲେଖାଇଲେ। ଏଠାରେ ପ୍ରସିଦ୍ଧ ବିପ୍ଳବୀ ଶଚ୍ଚୀନ୍ଦ୍ର ନାଥ ସାନ୍ୟାଲଙ୍କର ସେଥିଲେ ଅତି ବିଶ୍ୱସ୍ତ। ଶଚ୍ଚୀନ୍ଦ୍ର ତାଙ୍କ ବହି 'ବନ୍ଦୀ ଜୀବନ'ରେ ଭଗତ୍ ସିଂଙ୍କ ବିଷୟରେ ଲେଖିଛନ୍ତି। ଭଗତ୍ ସିଂଙ୍କ ଛାତ୍ର ଜୀବନର ପୂର୍ଣ୍ଣଚ୍ଛେଦ ପଡିଲା। ପିତା କିଷନ୍ ସିଂ ବଡ ପୁଅ ଜଗତ୍ ସିଂଙ୍କର ମୃତ୍ୟୁପରେ ବୋହୂଟିଏ ଆଣିବାକୁ ମନସ୍ତ କରିଥିଲେ। କିନ୍ତୁ ତାହା ହୋଇପାରିଲା ନାହିଁ। ଭଗତ ସିଂ ଦେଶ ମାତୃକାର ସେବା ପାଇଁ ବିବାହ ବନ୍ଧନକୁ ଆଡେଇ ଦେଇଥିଲେ। ସେ ବିଭା ହୁଅନ୍ତେ କିପରି ? ଦେଶ ପାଇଁ ଜୀବନ ଦେବାକୁ ପଣ କରିଛନ୍ତି। ବିବାହ ବନ୍ଧନକୁ ଆଡେଇ ଦେଇ ନିଖୋଜ ହୋଇଗଲେ। ପିତାଙ୍କ ନିକଟକୁ ଲେଖିଥିବା ଚିଠିରେ ଦେଶ ମାତୃକାର ସେବା ଥିଲା ତାଙ୍କର ପ୍ରଧାନ ଆଭିମୁଖ୍ୟ। ଦେଶଭକ୍ତ ପିତା ଚିଠିଟି ପଢି ଖୁସିରେ ଆଖିରୁ ଦୁଇଟୋପା ଲୁହ ନିଗାଡି ଦେଇଥିଲେ। କିଛି ଦିନପରେ କିଷନ୍ ସିଂ ପୁତ୍ର ନିକଟକ ଚିଠି ଲେଖିଲେ। ଜେଜେମାଙ୍କ ଦେହ ଖରାପ ଓ ତୋତେ ବିଭାଦେବାକୁ ବାଧ କରାଯିବ ନାହିଁ। ଛମାସ ପରେ ଭଗତ୍ ସିଂ ଘରକୁ ଫେରି ଜେଜେମାର ସେବା କଲେ। ଗଙ୍ଗାନଦୀରେ ବନ୍ୟା ଆସିଥାଏ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ଭଗତ୍ ସିଂ ବନ୍ୟାଦ୍ୱାରା କ୍ଷତି ହୋଇଥିବା ଲୋକମାନଙ୍କ ସେବାରେ ଲାଗିପଡଲେ। ଏହି ସମୟରେ ତାଙ୍କର ବିପ୍ଳବୀ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ସହିତ କାନପୁର ଠାରେ ସାକ୍ଷାତହେଲା। ଏହି ସାକ୍ଷାତ ଏକ ଗୁରୁତ୍ୱପୂର୍ଣ୍ଣ ମୂହୁର୍ତଥିଲା। ସତେ କଣ ମଣୀକାଂଚନର ଅପୂର୍ବ ମିଳନ ଘଟିଲା। ଦଶହରା ପର୍ବ, ମା ଦୁର୍ଗାଙ୍କ ପୂଜା ଚାଲିଯାଏ। ଲାହୋରରେ 'ରାମଲୀଳା' ଉତ୍ସବରେ ଲୋକମାନଙ୍କ ଉପରେ ବୋମାମାଡ ହେଲା। ପଞ୍ଜାବ ପୋଲିସ୍ ବାହିନୀର ଅତ୍ୟାଚାରରେ ଗିରଫ ହେଲେ ୧୯ ବର୍ଷର ଭଗତ ସିଂ। ବିନାଦୋଷରେ ବନ୍ଦୀ ଜୀବନ କଟାଇଲେ ବ୍ରୋଷ୍ଟଲ ଜେଲର ଅନ୍ଧକାର ଗୃହ ମଧ୍ୟରେ । ମାଜିଷ୍ଟ୍ରେଟ ଷାଠିଏ ହଜାରଟଙ୍କା ବନ୍ଧକ ଦେଇ ଜାମିନରେ ଛାଡିଦେବାକୁ ରାୟ ଦେଲେ। ତାଙ୍କର ପଇସାର ଅଭାବ ନଥିଲା। ଅନ୍ୟାୟକୁ ପ୍ରଶୟ ଦେଲେ ନାହିଁ। ଶେଷରେ ଉଚ୍ଚ ଅଦାଲତରେ ନିର୍ଦ୍ଦୋଷରେ ଖଲାସ ହେଲେ। ୧୯୨୮ମସିହାରେ ଝସାଇମନ କମିଶନ ? ଭାରତ ଆସିଥିଲେ। ଏହି କମିଶନରେ ସାତଜଣ ସଭ୍ୟ କେହି ଭାରତୀୟ ନଥିଲେ। ଭାରତୀୟମାନେ ଏହାକୁ ବିରୋଧ କଲେ। ଲାଲା ଲଜପତ୍ ରାୟଙ୍କ ନେତୃତ୍ୱରେ ଲୋକମାନେ ଆନ୍ଦୋଳନ କଲେ। ବିକ୍ଷୋଭକାରୀମାନଙ୍କ ଉପରେ ପୋଲିସ୍ ସୁପରିନ୍‌ଟେଣ୍ଡେଟ୍ ସ୍କଟ୍ ଓ ଯେ.ପି ସାଣ୍ଡର୍ସ ସାହେବ ଲାଠି ଚଳାଇଲେ। ଏହି ଲାଠି ମାଡରେ ଲାଲା ଲଜପତ୍ ରାୟ ୧୯୨୮ ମସିହା ନଭେମ୍ବର ୧୭ ତାରିଖରେ ପ୍ରାଣ ହରାଇଥିଲେ। ଦେଶରେ ଶୋକର ଛାୟା ଖେଳିଗଲା। ଭଗତ୍ ସିଂ କାନ୍ଦି ଉଠିଲେ। ପ୍ରତିଶୋଧ ନେବା ପାଇଁ ହିନ୍ଦୁସ୍ଥାନ ସୋସାଲିଷ୍ଟ ରିପବ୍ଲକାନ୍ ଆର୍ମି ? ନାମକ ଏକ ସଙ୍ଗଠନ ଗଢାହେଲା। ଏଥିରେ ଚନ୍ଦ୍ରଶେଖର ଆଜାଦ୍, ସୁଖଦେବ,ଦୁର୍ଗାଦେବୀ ଓ ଭଗତ ସିଂ ଆଦି ବିପ୍ଳବୀ ଯୋଗଦେଲେ।୧୯୨୮ ଡିସେମ୍ବର ୨୭ ତାରିଖ ଦିନ ପଞ୍ଜାବସଚିବାଳୟ ସାମ୍ନାରେ ଯେ.ପି ସାଣ୍ଡର୍ସ ଓ ଜଣେ ଗୋରା କନେଷ୍ଟବଲକୁ ହତ୍ୟା କରାଗଲା। ଏହାର ମୁଖ୍ୟନାୟକ ଥିଲେଭଗତ୍ ସିଂ। ରାଜଗୁର, ସୁକଦେବ, ଦୁର୍ଗାଦେବୀ ଓ ଭଗତ୍ ସିଂ ଛଦ୍ମବେଶରେ ପୋଲିସ୍ ଆଖିରେ ଧୂଳିଦେଇ କଲିକତା ପଳାଇଗଲେ। ଖଟିଖିଆ ଶ୍ରମିକମାନଙ୍କ ବିରୁଦ୍ଧରେ ଏକ ବିଲ୍ ବିଧାନସଭାରେ ଆଗତହେଲା। ଏହାକୁ ବିରୋଧ କରି "ଭଗତ୍ ସିଂ ବିପ୍ଳବୀ ବନ୍ଧୁମାନଙ୍କୁ ନେଇ ବିଧାନସଭାରେ ଦୁଇଟି ବୋମା ପକାଇଦେଲେ। ଗୋରାସାହେବମାନେ ଜୀବନ ବିକଳରେ ପଳାଇଗଲେ। ବିପ୍ଳବୀମାନଙ୍କ ଝଇନ୍‌କିଲାବ ଜିନ୍ଦାବାଦ୍ ? ଧ୍ୱନିରେ ବିଧାନସଭା ପ୍ରକମ୍ପିତ ହେଲା। ଭଗତ୍‌ସିଂ ଓ ଅନ୍ୟାନ୍ୟ ବିପ୍ଳବୀମାନେ ପୋଲିସ ହାତରେ ଧରାପଡି ଗିରଫ ହେଲେ। ଜେଲର ଚାରିକାନ୍ଥ ଭିତରେ ଭଗତ ସିଂଙ୍କ ଉପରେ ହେଲା ଅତ୍ୟାଚାର।ବନ୍ଦୀ ଜୀବନରେ ଭଗତ୍ ସିଂ ବହୁତ ବହି ପଢୁଥିଲେ। ୧୯୩୦ ମସିହାରେ ତିନି ବିପ୍ଳବୀ ବନ୍ଧୁ ସୁଖଦେବ ଓ ଶିବରାମ ସହିତ ଭଗତ୍ ସିଂଙ୍କୁ ଫାଶୀଦଣ୍ଡ ଆଦେଶହେଲା। ଫାଶୀ ଦଣ୍ଡ କଥା ଶୁଣି ଦେଶର ଲୋକମାନେ ଆନ୍ଦୋଳନ ଆରମ୍ଭ କରିଦେଲେ। ୧୯୩୧ ମସିହା ମାର୍ଚ୍ଚ ୩ ତାରିଖ ଦିନ ଭଗତ୍ ସିଂଙ୍କ ବାପାମାଆ ଓ ଅନ୍ୟମାନେ ଭଗତ୍ ସିଂଙ୍କୁ ଦେଖାକଲେ। ଭଗତ୍ ସିଂ ତାଙ୍କ ମାଙ୍କୁ କହିଲେ ଫାଶୀ ପରେ ମୋର ଶବକୁ ନେବା ପାଇଁ ଆସିବ ନାହିଁ। ଜଣେ ବିପ୍ଳବୀ ବୀରର ମାଆ ହିସାବରେ କାନ୍ଦିବ ନାହିଁ। ? ଏହା କହି ହସି ଉଠିଥିଲେ । ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ ଦିନ ଭଗତ୍ ସିଂ, ସୁଖଦେବ, ରାଜଗୁରୁଙ୍କର ଥିଲା ଶେଷ ଦିନ। ଭଗତ୍ ସିଂ କହିଲେ–ଝ ମାଜଷ୍ଟ୍ରେଟ ସାହେବ। ଆଜି ଆପଣ ନିଜ ଆଖିରେ ଦେଖିବାକୁ ସୁଯୋଗ ପାଇଛନ୍ତି ବିପ୍ଳବୀ କିପରି ନିଜ ଆଦର୍ଶ ରକ୍ଷା କରୁଛି। ହସି ହସି ମୃତ୍ୟୁକୁ ଆଲିଙ୍ଗନ କରୁଛି ? ଭଗତ୍ ସିଂ ସାଥିମାନଙ୍କ ସହ ଫାଶୀ ମଂଚ ଉପରକୁ ଉଠି ପଡିଲେ। ଫାଶୀ ଦଉଡିକୁ ଚୁମ୍ବନଦେଇ ଝଇନକିଲାବ୍ ଜିନ୍ଦାବାଦ ସାମ୍ରାଜ୍ୟବାଦ ମୁର୍ଦ୍ଦାବାଦ ? । ଭଗତ୍ ସିଂ ଓ ଦୁଇ ବନ୍ଧୁ ନିଜ ବେକରେ ଫାଶୀ ଦଉଡି ଗଳେଇ ଦେଇ ଘାତକୁ କହିଲେ ଦୟାକରି ତୁମେ ଏ ଫାଶୀକୁ ଠିକ କରିଦିଅ ?। ସେଠାରେ ଥିବା ସମସ୍ତ ଗୋରା ସାହେବ ଏହି ତିନି ବନ୍ଧୁଙ୍କର ସାହସ ଦେଖି କାନ୍ଦି ପକାଇଥିଲେ। ଭାରତମାତାର ଏହି ତିନି ବୀର ଦେଶ ମାତୃକାର ଚରଣ ତଳେ ଅର୍ପିତ ହୋଇଗଲେ। ତାଙ୍କର ଆଦର୍ଶ, ଦେଶପ୍ରେମ ଓ ଆତ୍ମବଳିର ପଟାନ୍ତର ନାହିଁ। ଭଗତ୍ ସିଂ ମରି ମଧ୍ୟ ଆଜି ଅମର, ଆଜି ଭାରତର ମାଟି, ପାଣି,ପବନରେ ତାଙ୍କର ବଳିଦାନର ଅପୂର୍ବଗାଥା ଗୁଞ୍ଜରିତ ହୋଉଛି ଓ ଭବିଷ୍ୟତରେ ହେଉଥିବ।



ଅକ୍ଷୟ କୁମାର ରାଉତ

ପାରାଦ୍ୱୀପଗଡ, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ–୯୯୩୭୬୯୧୪୭୫




## କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ମହିଳା ସଭାନେତ୍ରୀ ମନନୋୟନ ସଂବନ୍ଧରେ ଦୃଢ ପ୍ରତିବାଦ

ଭୁବନେଶ୍ୱର : ଦୈନିକ ଖବରକାଗଜର କେତେକ ସଂସ୍କରଣରେ କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ମହିଳାଶାଖା ସଭାପତି ଭାବେ ମମତା ସିଂଙ୍କୁ ରାଜ୍ୟ ମହିଳା ଶାଖା ସଭାନେତ୍ରୀ ଗୀତାରାଣୀ ଦାଶ ମନୋନୀତ କରିଛନ୍ତି । ଏହି ସମ୍ବାଦ ପ୍ରକାଶିତ ହେବାପରେ କେନ୍ଦୁଝର ଜିଲ୍ଲା ଯାଦବ ମହାସଭାର ଏକ ଜରୁରୀ ବୈଠକ ଆୟୋଜିତ ହୋଇଥିଲା । କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ସଭାପତି ପ୍ରଦୀପ ବାରିକ୍‌ଙ୍କ ଅଧକ୍ଷତାରେ ଆଜି ଅଧିବେସନ ଅନୁଷ୍ଠିତ ହୋଇଥିଲା । ଉପଦେଷ୍ଟା ମଣ୍ଡଳୀ ପରିଚାଳନା କମିଟିର ସଦସ୍ୟବୃନ୍ଦ ପ୍ରତିବ୍ଲକ ର କର୍ମକର୍ତ୍ତା ଏବଂ ଉଦୀୟମାନ ଯୁବ ଯାଦବ ବୃନ୍ଦ ଉକ୍ତ ଅଧିବେସନରେ ମହାସଭା ମହିଳାଶାଖାର ସଭାନେତ୍ରୀ ଭାବେ ମମତା ସିଂଙ୍କୁ ଅବୈଧ ଉପାୟରେ ମନୋନୀତ କରାଯାଇଥିବାରୁ ଆଜିର ସଭାରେ ଦୃଢନିନ୍ଦା ସହିତ ପ୍ରତିବାଦ କରାଗଲା । ରାଜ୍ୟ ସଭାନେତ୍ରୀ ଗୀତାରାଣୀ ଦାଶଙ୍କ ସହିତ ମୋବାଇଲ୍ ଜରିଆରେ ଆଲୋଚନା କରାଯାଇଥିଲା । ସେ ଏଥିପାଇଁ ଦୁଃଖପ୍ରକାଶ କରିବା ସହିତ ସଭାନେତ୍ରୀ ମନୋନୟନ ପତ୍ରକୁ ଗତ ତା ୧୦/୦୧/୨୦୨୧ ରିଖରେ କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ମହିଳା ଶାଖାର ସଭାନେତ୍ରୀ ଭାବରେ ଜେମାମଣୀ ମହାକୁଡ ନିଦ୍ୱନ୍ଦରେ ନିର୍ବାଚିତ ହୋଇଅଛନ୍ତି । ତେଣୁ ସେ ପୂର୍ବପରି ତାଙ୍କ ସଭାନେତ୍ରୀ ପଦରେ ରହି ଜିଲ୍ଲା ମହିଳା ସଂଗଠନକୁ ସଦୃଢ କରିବା ପାଇଁ ଆଜିର ବୈଠକରେ ସ୍ଥିର କରାଗଲା । ସମ୍ବାଦରେ ପ୍ରକାଶିତ ହୋଇଥିବା ସମ୍ବାଦରେ କେହି ବିଭ୍ରାନ୍ତି ନହେବାକୁ ଜିଲ୍ଲା ମହାସଭା ସମସ୍ତଙ୍କୁ ଅନୁରୋଧ କରୁଅଛନ୍ତି ।

## ଟିପିସିଡିଏଲ ଡିଭିଜନାଲ ମ୍ୟାନେଜରଙ୍କ ସହିତ ଶ୍ରମିକନେତାଙ୍କ ଆଲୋଚନା

କେନ୍ଦ୍ରାପଡ଼ା : ବିଦ୍ୟୁତ ବିଭାଗର ଅସାବଧାନତା ପାଇଁ ବିଦ୍ୟୁତ ଆଘାତରେ ପ୍ରଭାତ ବେହେରା ନାମକ ଜଣେ ଯୁବ ନିର୍ମାଣ ଶ୍ରମିକଙ୍କ ଗତ ୨୨.୧୧.୨୦୧୯ରିଖରେ ମୃତ୍ୟୁ ହୋଇଯାଇଥିଲା । ମୃତ ଶ୍ରମିକଙ୍କ ଘର ରାଜକନିକା ବ୍ଲକ ଅନ୍ତର୍ଗତ ବରୁଣା ପଞ୍ଚାୟତରେ ହୋଇଥିବା ବେଳେ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଥିବାରୁ ସେସୁ କର୍ତ୍ତୃପକ୍ଷ ସେହି ପରିବାରର ଜଣଙ୍କୁ ଥଇଥାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ । କିନ୍ତୁ ସେହି ପ୍ରତିଶୃତିକୁ ପୁରଣ କରାଗଲା ନାହିଁ । ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀଙ୍କ ସହିତ ମୃତ ଶ୍ରମିକଙ୍କ ବିଧବା ପତ୍ନୀ ସନ୍ଧ୍ୟାରାଣୀ ବେହେରା ଓ ଝିଅ ରତୁପର୍ଣ୍ଣା ବେହେରା ଟିପିସିଡିଏଲର ଡିଭିଜନାଲ ମ୍ୟାନେଜରଙ୍କୁ ସାକ୍ଷାତ କରି ପୂର୍ବ ପ୍ରତିଶୃତି ପାଳନ ନିମନ୍ତେ ନିବେଦନ କରିଥିଲେ । ପ୍ରାକ୍ତନ ଡିଭିଜନାଲ ମ୍ୟାନେଜର ସସ୍ମିତ ଦାସ ୧୫ଦିନ ମଧ୍ୟରେ ସେହି ଦରଖାସ୍ତଟିର ବିଚାର କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ । କିନ୍ତୁ ଅଦ୍ୟାବଧି ସେହି ପ୍ରତିଶୃତି ପୁରଣ କରାନଯିବାରେ ଶୁକ୍ରବାର ଶ୍ରମିକନେତା ଶ୍ରୀ ତ୍ରିପାଠୀ ମୃତ ଶ୍ରମିକଙ୍କ ବିଧବା ପତ୍ନୀ ଓ ଝିଅ ସହିତ ଡିଭିଜନାଲ ମ୍ୟାନେଜର ପ୍ରଦୀପ୍ତ କୁମାର ଦାଶଙ୍କୁ ଭେଟି ମୃତ ଶ୍ରମିକଙ୍କ ଝିଅର ଚାକିରୀ ନିମନ୍ତେ ନିବେଦନ କରିଥିଲେ । ଡିଭିଜନାଲ ମ୍ୟାନେଜର ଶ୍ରୀ ଦାଶ ତାଙ୍କ ଦରଖାସ୍ତଟିକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ସୁପାରିଶ କରିବେ ବୋଲି ପ୍ରତିଶୃତି ଦେଇଥିବା ଜଣାପଡିଛି ।

## ଯୁଗଳ କିଶୋର ଖିଲାର ସମିଆଁ ପଂଚାୟତ ସଭାପତି

ବଡଚଣା : ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅନ୍ତର୍ଗତ ସମିଆଁ ପଂଚାୟତର ବିଜେଡି ସଭାପତି ଭାବେ ପୂର୍ବତନ ସରପଂଚ ଯୁଗଳ କିଶୋର ଖିଲାରଙ୍କ ନାମ ମନୋନୀତ କରାଯାଇଛି । ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲଙ୍କ ସୁପାରିଶ କ୍ରମେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥିଙ୍କ ଅନୁମୋଦନ ରେ ସମିଆଁ ପଂଚାୟତର ସଭାପତିଭାବେ ଯୁଗଳ କିଶୋର ଖିଲାରଙ୍କୁ ପଂଚାୟତ ସଭାପତି ଭାବେ ମନୋନୀତ କରାଯାଇଛି । ଏଥିପାଇଁ ଯୁଗଳ କିଶୋର ଖିଲାର ମାନ୍ୟବର ବିଧାୟକ ଅମର ପ୍ରସାଦ ଶତପଥି,ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ ,ବ୍ଲକ ଅଧ୍ୟକ୍ଷ ଭାଗ୍ୟଧର ମଲିକ,ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ,ଆମ୍।ଅଧ୍ୟକ୍ଷ ନିରଞ୍ଜନ ସେନାପତି,ଯୁବବିଜେଡି ସଭାପତି ଅମିନ ଚରଣ ନାୟକ,ଜିଲ୍ଲା ଉପସଭାପତି ଅମର ମହାନ୍ତି,କୋଷାଧ୍ୟକ୍ଷ ମିହିର ସ୍ୱାଇଁ,ସରପଂଚ କାମିନି ଜେନା,ପୂର୍ବତନ ସମିତିସଭ୍ୟ ମାନା ସେଠୀ ପ୍ରମୁଖଙ୍କୁ ଯୁଗଳ କିଶୋର ଖିଲାର ,ଯୁବନେତା ଦିଲ୍ଲୀପ ରାଉତ କୃତଜ୍ଞତା ଓ ବଧାଇ ଜଣାଇଛନ୍ତି । ପଂଚାୟତର ସଭାପତି ଭାବେ ମନୋନୀତ ହୋଇଥିବାରୁ ମହିଳା ଫେଡେରେସନ ସଭାନେତ୍ରୀ ସଂଯୁକ୍ତା ଯାମୁନା,ସଂପାଦିକା ପୁଷ୍ପଲତା ନାଥ,ପୂର୍ବତନ ସମିତିସଭ୍ୟ ଜଟିନ୍ଦ୍ର ପଣ୍ଡା,ଲକ୍ଷ୍ମୀଧର ଦାସଙ୍କ ସମେତ ସମସ୍ତ ସ୍ୱାର୍ଥସଭ୍ୟଜୀବୀ ଶ୍ରୀ ଖିଲାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପଂଚାୟତରେ ବିଜେଡି ସଂଗଠନକୁ ଆହୁରି ମଜଭୁତ କରିବା ପାଇଁ ସେ ଶ୍ରୀ ଖିଲାର ସଂକଳ୍ପବଦ୍ଧ ବୋଲି କହିଥିଲେ ।

## ଗ୍ରାମୀଣ ବ୍ୟାଙ୍କ ୟୁନିଅନ ମିଳିତ ଫୋରମ୍ର କେନ୍ଦ୍ର ଅର୍ଥ ବିଭାଗ ଯୁଗ୍ମ ସଚୀବଙ୍କ ସହ ଆଲୋଚନା

ଭୁବନେଶ୍ୱର : ୟୁନିୟନ ବ୍ୟାଙ୍କ ୟୁନିଅନ ଫେଡ଼େରେସନର ମିଳିତ ଫୋରମର ତରଫରୁ ଏ.ଆଇ.ଜି.ବି.ଇ.ସି ର ସଭାପତି ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ,ଏ.ଆଇ. ଇ.ବି.ଓ.ସିର ସାଧାରଣ ସଂପାଦକ ଡି.ଏନ୍.ତ୍ରିବେଦି, ଏ.ଆଇ.ଆର.ଆର.ବି.ଓ.ଫ୍. ର ସାଧାରଣ ସଂପାଦକ ଏସ୍.କେ.ପାଲ ଓ ଏ.ଆଇ.ଜି.ବି.ଓ.ଏ. ର ସାଧାରଣ ସଂପାଦକ ଜି.ଜି. ଗାନ୍ଧୀ ତା. ୧୨.୦୮.୨୦୨୧ ରିଖରେ କେନ୍ଦ୍ର ସରକାରଙ୍କର ଅର୍ଥ ବିଭାଗର ଯୁଗ୍ମ ସଚୀବ ଡକ୍ଟର ଭୂଷଣ କୁମାର ସିନ୍ହା ଓ ଉପ ସଚୀବ ଶ୍ରୀ ଏକ.ଦାସ ଙ୍କ ସହିତ ଗ୍ରାମୀଣ ବ୍ୟାଙ୍କ, ଅଫିସର ଓ କର୍ମଚାରୀଙ୍କର କେତେଗୁଡ଼ିଏ ମୁଖ୍ୟ ଦାବୀ ସଂପର୍କରେ ଆଲୋଚନା କରିଥିଲେ। ଓ.ଏଜ୍ ରିଭିଜନ ଓ ୩୧.୦୧.୨୦୦୧ ରିଖରେ ସୁପ୍ରିମ୍‌କୋର୍ଟଙ୍କର ଆଦେଶ ଅନୁଯାୟୀ ସମସ୍ତ ସୁବିଧା ଓ ଭତ୍ତା ଦେବା ଦରମା ସମୀକରଣ ଓ ଅନ୍ୟାନ୍ୟ ସମସ୍ତ ସୁବିଧା ସ୍ପୋନସର ବ୍ୟାଙ୍କ ସହିତ ସ୍ପନସର ବ୍ୟାଙ୍କରେ ମିଳୁଥିବା ସମସ୍ତ ସୁବିଧା ଦେବା, ଗ୍ରାମୀଣ ବ୍ୟାଙ୍କ ଅଫିସର କର୍ମଚାରୀଙ୍କ ପାଇଁ ନୂତନ ପଦୋନ୍ନତି ନିୟମାବଳୀ ପ୍ରଣୟନ କରିବା ଓ କାର୍ଯ୍ୟକରୁଥିବା ସମୟରେ ମୃତ୍ୟୁ ଅଫିସର ଓ କର୍ମଚାରୀଙ୍କର ପରିବାରବର୍ଗରୁ ନିଯୁକ୍ତି ଦେବା ଓ ନିଯୁକ୍ତି ପଦୋନ୍ନତି ସ୍ପୋନସର ବ୍ୟାଙ୍କ ସହିତ ସମୀକରଣ କରିବା, କଣ୍ଟ୍ରାକ୍ଟ ଲେବର ଭାବରେ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଚାକିରୀରେ ସ୍ଥାୟୀ କରିବା ଏବଂ ଗ୍ରାମୀଣ ବ୍ୟାଙ୍କ ଗୁଡ଼ିକୁ ଶକ୍ତିଶାଳୀ ସ୍ପୋନସର ବ୍ୟାଙ୍କରେ ମିଶ୍ରଣ କରିବା ଓ ଗୁରୁତ୍ୱପୂର୍ଣ୍ଣ ଦାବୀ ସଂପର୍କରେ ଆଲୋଚନା କରାଯାଇଥିଲା । ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ୟୁନିଅନ ଓ ଫେଡ଼େରସନ ତରଫରୁ ମିଳିତ ଭାବରେ ଧର୍ମଘଟ ପାଇଁ ନୋଟିସ୍ ପରିପ୍ରେକ୍ଷିରେ କେନ୍ଦ୍ର ସରକାରଙ୍କର ଅର୍ଥ ବିଭାଗ ଓ ଶ୍ରମ ବିଭାଗ ଆନ୍ଦୋଳନକୁ ଏଡ଼ାଇବା ପାଇଁ ଗ୍ରାମୀଣ ବ୍ୟାଙ୍କ ମିଳିତ ଫୋରମର କର୍ମକର୍ତ୍ତାଙ୍କୁ ଡାକି ଆଲୋଚନା କରିଥିଲେ।

# ଜାତୀୟ ରେଡକ୍ରସରେ ଓଡିଶା ରେଡକ୍ରସର ବିରଳ କୃତିତ୍ୱ

ଭୁବନେଶ୍ୱର, (ପିଏନ);- ଭାରତୀୟ ରେଡକ୍ରସ ସୋସାଇଟିର ବାର୍ଷିକ ସାଧାରଣ ବୈଠକ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ହର୍ଷବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ତରଫରୁ ଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ, କନିଷ୍ଠ ରେଡକ୍ରସ ଅଧିକାରୀ ଶ୍ରୀ ଲକ୍ଷ୍ମଣ ସ୍ୱାଇଁ, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ବା ସେମାନଙ୍କ ପ୍ରତିନିଧି, ରାଜ୍ୟ କାର୍ଯ୍ୟକାରିଣୀର ସଦସ୍ୟମାନେ ଯୋଗ ଦେଇଥିଲେ । ସୁଶ୍ରୀ ସିଟିଏମ. ସୁଗୁଣା ରାଜ୍ୟରେ କ୍ରିୟାଶୀଳ ସମସ୍ତ ଯୋଜନାର ସଫଳ ରୂପାୟନ ନିମନ୍ତେ ଭାରତୀୟ




ରେଡକ୍ରସ ସୋସାଇଟିର ସହଯୋଗକୁ ବର୍ଣ୍ଣନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ଜାତୀୟ ସ୍ତରରେ ରେକର୍ଡ ସଂଖ୍ୟକ ୭ଗୋଟି ପୁରସ୍କାର ଗ୍ରହଣ କରି ବିରଳ କୃତିତ୍ୱ ହାସଲ କରିଛନ୍ତି । ସର୍ବାଧିକ ରକ୍ତଦାନ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ବର୍ଷ ନିମନ୍ତେ ତଥା ସର୍ବାଧିକ ଅନୁଦାନ ସଂଗ୍ରହ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ଏବଂ ୨୦୧୮-୨୦୧୯, ବର୍ଷ ନିମନ୍ତେ ଶ୍ରେଷ୍ଠ ରାଜ୍ୟ ଶାଖା ଭାବରେ ଓଡିଶା ସମ୍ମାନୀତ ହୋଇଛି । ଏତଦ୍ ବ୍ୟତିତ ବ୍ୟକ୍ତିଗତ ସଫଳତା ନିମନ୍ତେ ସ୍ୱେଚ୍ଛାସେବୀ ଶ୍ରୀମତୀ ଗୀତାଞ୍ଜଳି ପଣ୍ଡା ଓ ମାଲକାନଗିରି ଯୁବ ରେଡକ୍ରସ ପରାମର୍ଶଦାତା ଡ. ରଂଜନ କୁମାର ସ୍ୱାଇଁଙ୍କୁ ଜାତୀୟ ରେଡକ୍ରସ ମେରିଟ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି । ଏହି ସମସ୍ତ ସଫଳତା ନିମନ୍ତେ ସମସ୍ତ ସ୍ୱେଚ୍ଛାସେବୀ ତଥା ଯୁବ ରେଡକ୍ରସ, କନିଷ୍ଠ ରେଡକ୍ରସର ସମସ୍ତ କର୍ମକର୍ତ୍ତା, କାର୍ଯ୍ୟାଳୟ କର୍ମଚାରୀମାନଙ୍କୁଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, ସାଧୁବାଦ ଜଣାଇଛନ୍ତି ।

## ୨୦୨୦ ପାଇଁ ପାର୍ବଣ ଅଫର୍ ସହିତ ଏସ୍‌ବିଆଇ କାର୍ଡ ନିଜ ଗ୍ରାହକଙ୍କୁ ଅଧିକ ଉତ୍ସାହ ପ୍ରଦାନ କରୁଛି

ନୂଆଦିଲ୍ଲୀ/ ଭୁବନେଶ୍ୱର,(ପିଏନ): ଭାରତର ସର୍ବବୃହତ କେବଳ କ୍ରେଡିଟ କାର୍ଡ ଜାରି କରୁଥିବା ସଂସ୍ଥା ଏସ୍‌ବିଆଇ କାର୍ଡ ଚଳିତ ପାର୍ବଣ ଋତୁରେ ତାହାର କାର୍ଡଧାରୀଙ୍କ ପାର୍ବଣ ଖୁସି ଅଧିକ ବଢାଇବାକୁ ଯାଉଛି । ପରିବର୍ତ୍ତିତ ଧାରା ଏବଂ ଗ୍ରାହକଙ୍କ ପସନ୍ଦ ମୁତାବକ ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥା କରାଯାଇଥିବା ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ସହିତ ଏସ୍‌ବିଆଇ କାର୍ଡ ଗ୍ରାହକଙ୍କୁ ସେମାନଙ୍କର ପାର୍ବଣ ଋତୁକାଳୀନ କ୍ରୟ ଅନୁଭୂତିକୁ ଅଧିକ ଉତ୍ସାହପ୍ରଦ କରିବା ପ୍ରୟାସ କରିଛି । ବିବିଧ ରେଞ୍ଜର ଅଫର ମଧ୍ୟରେ ରହିଛି ୩୦୦ରୁ ଅଧିକ ଜାତୀୟ ଏବଂ ୭୦୦ରୁ ଅଧିକ ଆଞ୍ଚଳିକ ତଥା ଅତିମାତ୍ରାରେ ସ୍ଥାନୀୟ ଅଫର୍ । ବିସ୍ତାରିତ ଅଫର ମଧରେ ବିବିଧ ବର୍ଗ ଯଥା ଫେଶନ ଓ ଲାଇଫଷ୍ଟାଇଲ, ଇଲେକଟ୍ରୋନିକ୍ସ, ମୋବାଇଲ, ଅଳଙ୍କାର, ଡିପାର୍ଟମେଣ୍ଟାଲ ଷ୍ଟୋର ଏବଂ ଭ୍ରମଣ ତଥା ଅନ୍‌ଲାଇନ ମାର୍କେଟପ୍ଲେସ ଆଦି ଅନ୍ତର୍ଭୁକ୍ତ । ଏହି ଅଫର୍ ଦେଶବ୍ୟାପୀ ଆମାଜନ, ବ୍ରାଣ୍ଡ ଫାକ୍ଟରି, କ୍ରୋମା, କାରାଟ୍‌ଲେନ, ଫାବ୍‌ଇଣ୍ଡିଆ, ଫାଷ୍ଟକ୍ରାଏ, ଗ୍ରୋଫର୍ସ, ହୋମସେଣ୍ଟର, ଲୟଡ୍‌ସ, ମୋର୍ ହାଇପରମାର୍କେଟ, ମୋର୍ ସୁପରମାର୍କେଟ, ପାଣ୍ଟାଲୁନ୍‌ସ, ସାମସଙ୍ଗ ମୋବାଇଲ ଏବଂ ଟାଟା କ୍ଲିକ୍ ଭଳି ପ୍ରସିଦ୍ଧ ବ୍ରାଣ୍ଡ୍‌ଗୁଡିକରେ ଉପଲବ୍ଧ ହେଉଛି । ଏହି କୌଶଳାତ୍ମକ ସହଭାଗିତା ଗ୍ରାହକଙ୍କୁ ସମସ୍ତ ସପିଙ୍ଗ ବର୍ଗରୁ ଫାଇଦା ଉଠାଇବାକୁ ସମର୍ଥ କରିବ । ଅଫର୍‌ଗୁଡିକ ମଧ୍ୟରେ ଆକର୍ଷଣୀୟ କ୍ୟାସ୍‌ବ୍ୟାକ ଏବଂ ତତ୍‌ସହିତ ୧୦% ପର୍ଯ୍ୟନ୍ତ ତତ୍‌କ୍ଷଣାତ ରିହାତି ଅନ୍ତର୍ଭୁକ୍ତ । ଏସ୍‌ବିଆଇ କାର୍ଡ ମଧ୍ୟ ଫ୍ଲିପକାର୍ଟର 'ଦି ବିଗ୍ ବିଲିଅନ ଡେଜ୍' ଅନ୍‌ଲାଇନ ସପିଙ୍ଗ ଫେଷ୍ଟିଭାଲର ଏକମାତ୍ର କ୍ରେଡିଟକାର୍ଡ ସହଭାଗି ହୋଇଛି, ଯାହା ଭାରତରେ ଅନ୍ୟତମ ସର୍ବବୃହତ ଅନ୍‌ଲାଇନ ସେଲ୍ ଅଟେ । ଏସ୍‌ବିଆଇ କାର୍ଡ ଗ୍ରାହକମାନେ ନିଜ ଘରେ ବସି ଏହି ଅଫର୍ ଅବଧି ସମୟରେ ଫ୍ଲିପକାର୍ଟରେ ୧୦% ତତ୍‌କ୍ଷଣାତ ରିହାତି ସହିତ ଅନ୍ୟ ବିବିଧ ଫାଇଦାର ସୁଯୋଗ ପାଇପାରିବେ । ପାର୍ବଣ ଅଫର୍ ସମ୍ପର୍କରେ ଏସ୍‌ବିଆଇ କାର୍ଡର ଏମ୍‌ଡି ଓ ସିଇଓ ଶ୍ରୀ ଅଶ୍ୱିନୀ କୁମାର ତିୱାରୀ କହିଛନ୍ତି, "ପ୍ରତିବର୍ଷ ଅତ୍ୟନ୍ତ ଯତ୍ନର ସହିତ ଡିଜାଇନ କରାଯାଇଥିବା ଜାତୀୟ ଓ ଆଞ୍ଚଳିକ ଅଫରଗୁଡିକ ଜରିଆରେ ଆମ ଗ୍ରାହକଙ୍କୁ ଉନ୍ନତତର ଅନୁଭୂତି ଏବଂ ସେମାନଙ୍କର ପାର୍ବଣ ସପିଙ୍ଗରେ ଯଥାସମ୍ଭବ ଅଧିକ ସଞ୍ଚୟ କରିବା ସୁଯୋଗ ପ୍ରଦାନ କରିବାକୁ ଆମେ ପ୍ରୟାସ କରିଆସୁଛୁ । ଚଳିତ ବର୍ଷ ଆମେ ଜାତୀୟ ଓ ସ୍ଥାନୀୟ ବ୍ୟବସାୟୀ, ଉଭୟ ଷ୍ଟୋର ମଧ୍ୟରେ ଏବଂ ଅନ୍‌ଲାଇନରେ ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ପ୍ରଦାନ କରୁଛୁ, ଯଦ୍ଦ୍ୱାରା ଆମର କାର୍ଡଧାରୀମାନେ ସମସ୍ତ ବର୍ଗରେ ବିପୁଳ ଫାଇଦା ପାଇବାକୁ ସମର୍ଥ ହେବେ । ଏଥିସହିତ ପାର୍ବଣ ସମୟର କ୍ରୟକୁ ଅଧିକ ସୁଲଭ କରିବା ସକାଶେ ଏସ୍‌ବିଆଇ କାର୍ଡ ଗ୍ରାହକମାନେ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇରେ କିଣାକିଣି କରିବାର ସୁଯୋଗ ନେଇପାରିବେ । କୌଣସି ଅଧିକ ମୂଲ୍ୟ ବିନା ଇଏମ୍‌ଆଇ ସୁବିଧା ଅଧିକ ମୂଲ୍ୟବିଶିଷ୍ଟ ଏବଂ ଲୋକପ୍ରିୟ ଇଲେକଟ୍ରୋନିକ୍ସ ତଥା ମୋବାଇଲ ବ୍ରାଣ୍ଡ୍‌ଗୁଡିକ ନିମନ୍ତେ ମଧ୍ୟ ଉପଲବ୍ଧ ହେଉଛି । ଏହି ଅଫରଗୁଡିକ ଜରିଆରେ ଆମେ ଆମ ଗ୍ରାହକଙ୍କ ପାଇଁ ଏକ ନିରାପଦ ଏବଂ ଲାଭପ୍ରଦ ସପିଙ୍ଗ ଅନୁଭୂତି ପ୍ରଦାନ କରିବା ନେଇ ବହୁତ ଖୁସି ଏବଂ ତାହାଦ୍ୱାରା ସେମାନଙ୍କର ଉତ୍ସବ ପାଳନ ଅଧିକ ଆନନ୍ଦମୟ କରିପାରୁଛୁ ।" ଜାତୀୟସ୍ତରର ଅଫର୍ ସହିତ ଏସ୍‌ବିଆଇ କାର୍ଡ ମଧ୍ୟ କ୍ଷୁଦ୍ର ସହର ଓ ନଗରଗୁଡିକରେ ଗ୍ରାହକଙ୍କ ପାଇଁ ଅନେକ ଅଞ୍ଚଳଭିତ୍ତିକ ଏବଂ ଅତିମାତ୍ରାରେ ସ୍ଥାନୀୟ ଅଫର୍ ପ୍ରସ୍ତୁତ କରିଛି । ଉଦାହରଣସ୍ୱରୂପ ଏସ୍‌ବିଆଇ କାର୍ଡ ଦୁର୍ଗାପୂଜା ଓ ନବରାତ୍ରି ଉତ୍ସବ ପାଳନ ସମୟରେ ଆଞ୍ଚଳିକ ବ୍ରାଣ୍ଡ୍‌ଗୁଡିକ ସହିତ ସହଭାଗିତା କରିଛି ଯାହା ୧୭ଟି ସହରରେ ୧୧୦୦ରୁ ଅଧିକ ଷ୍ଟୋରରେ ୧୨୦ରୁ ଅଧିକ ରିହାତି ଅଫର୍ ସହିତ କ୍ୟାସ୍‌ବ୍ୟାକ ଅଫର, ୪୬ଟି ସହରରେ ୧୦%ରୁ ୫୫% ପର୍ଯ୍ୟନ୍ତ ୭୦୦ରୁ ଅଧିକ ଅତିମାତ୍ରାରେ ସ୍ଥାନୀୟ ଅଫର୍ ଜରିଆରେ ଗ୍ରାହକଙ୍କୁ ମହାନ ସଞ୍ଚୟ ଯୋଜନାର ଫାଇଦା ଉଠାଇବାକୁ ସମର୍ଥ କରିବ । ଏଥିସହିତ ସୁଲଭତା ନିଶ୍ଚିତ କରିବା ପାଇଁ ଏସବିଆଇ କାର୍ଡ ଗ୍ରାହକମାନେ ୮୪୫୦୦ ବ୍ୟବସାୟ ପ୍ରତିଷ୍ଠାନ ଏବଂ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇ ସୁବିଧା ପାଇପାରିବେ । ପୁନଶ୍ଚ ଇଲେକଟ୍ରୋନିକ୍ସ ଓ ମୋବାଇଲ ବର୍ଗରେ ୧୪ଟି ବ୍ରାଣ୍ଡ୍ ନିମନ୍ତେ କୌଣସି ଅତିରିକ୍ତ ଖର୍ଚ୍ଚ ବିନା ଇଏମ୍‌ଆଇ ସୁବିଧା ନେଇପାରିବେ ।

## ଖାତାବୁକ୍ ମାଇଁଷ୍ଟୋର୍ ଆପ୍ ପକ୍ଷରୁ ମାତ୍ର ୧୫ ମିନିଟ୍‌ରେ ବ୍ୟବସାୟୀଙ୍କୁ ଅନ୍‌ଲାଇନ୍ ବ୍ୟବସାୟ କରିବାର ସୁବିଧା ପ୍ରଦାନ

ଭୁବନେଶ୍ୱର: ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଫିନ୍‌ଟେକ୍ ଷ୍ଟାର୍ଟ-ଅପ୍, ଖାତାବୁକ୍ ଏବେ ଆଣ୍ଡ୍ରଏଡ୍‌ରେ ଏହାର 'ମାଇଁଷ୍ଟୋର୍' ଆପ୍‌ର ଶୁଭାରମ୍ଭ କରିଛି । ସହଜ ସାଇନ୍-ଅପ୍ ପ୍ରକ୍ରିୟା ସହିତ ଏହା ହେଉଛି ଏକ ଅନ୍ତର୍ନିହିତ ଓ ସୁରକ୍ଷିତ ଇଂଟରଫେସ୍ ବିଶିଷ୍ଟ ଆପ୍, ଯାହାକି ବ୍ୟବସାୟୀମାନଙ୍କୁ ମାତ୍ର ୧୫ ମିନିଟ୍ ମଧ୍ୟରେ ସେମାନଙ୍କର ଅନ୍‌ଲାଇନ୍ ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିଥାଏ । ଖାତାବୁକ୍‌ର 'ମାଇଁଷ୍ଟୋର୍' ଆପ୍ ୧୩ଟି ଭାରତୀୟ ଭାଷାରେ ଉପଲବ୍ଧ ଯାହା ବ୍ୟବହାରର ସହଜତା ଓ ସର୍ବଭାରତୀୟ ଗ୍ରହଣୀୟତାକୁ ସୁନିଶ୍ଚିତ କରୁଛି । ଏହି ଆପ୍ ବ୍ୟବସାୟୀମାନଙ୍କୁ ସାମାଜିକ ଦୂରତା ନିୟମ ବଜାୟ ରଖି ବ୍ୟବସାୟ ଜାରି ରଖିବାକୁ ସକ୍ଷମ କରିଥାଏ । ମାଇଁଷ୍ଟୋର୍ ଆପ୍‌କୁ ପୂର୍ବରୁ ଦେଶର ୨୫ ଲକ୍ଷରୁ ଅଧିକ ବ୍ୟବସାୟୀ ଇନ୍‌ଷ୍ଟଲ କରିଛନ୍ତି । ଏହି ଆପ୍‌ରେ ଫ୍ଲାଗସିପ୍ ବା ମୂଳ ଖାତାବୁକ୍ ଆପ୍‌ର ୟୁଜର୍ ଆଧାରର ଏକ ତୃତୀୟାଂଶରୁ ଅଧିକ ୟୁଜର୍ ପ୍ରୋଫାଇଲ ସଂଲଗ୍ନ ଥିବା ଅନୁମାନ କରାଯାଉଛି । ଏହି ଆପ୍‌ର ଲଂଚ୍ ଅବସରରେ ସହପ୍ରତିଷ୍ଠାତା ତଥା ସିଇଓ ରବିଶ ନରେଶ କହିଛନ୍ତି, ଆମେ ନିରନ୍ତର ଭାବେ ଦକ୍ଷତା ବୃଦ୍ଧି ସହିତ ଭାରତର ଏମ୍‌ଏସ୍‌ଏମ୍‌ଇ ବର୍ଗ ପାଇଁ ବ୍ୟବସାୟ ସଂଚାଳନ ଖର୍ଚ୍ଚକୁ ହ୍ରାସ କରିବା ଲାଗି ଉପାୟ ଖୋଜୁଛୁ । ମାଇଁଷ୍ଟୋର ଆପ୍‌ର ଉନ୍ମୋଚନ ଏହି ଉଦ୍ଦେଶ୍ୟ ଉପରେ ଆଧାରିତ ଏବଂ ଏହା ଡିଜିଟାଲ ଯୁଗରେ ବ୍ୟବସାୟ କରିବାର ଏକ ଅଧିକ ବିକଶିତ ଉପାୟ ପାଇଁ ଅଫର୍ ଓ ଏକ ଦୃଢ ବୈଷୟିକ ଭିତିଭୂମି ପ୍ରଦାନ କରୁଛି । ମାଇଁଷ୍ଟୋର୍ ଆପ୍‌କୁ ବ୍ୟବହାର କରିବା ଲାଗି ପ୍ରଥମେ ଏହାକୁ ଡାଉନ୍‌ଲୋଡ୍ କରନ୍ତୁ । ପରେ ଏଥିରେ ନାମ, ଉତ୍ପାଦ ଓ ମୂଲ୍ୟ ପରି ବ୍ୟବସାୟ ସମ୍ବନ୍ଧିତ ତଥ୍ୟ ଦିଅନ୍ତୁ । ନିଜ ପସନ୍ଦର ଯୋଗାଯୋଗ ଚ୍ୟାନେଲ ମାଧ୍ୟମରେ ଗ୍ରାହକଙ୍କ ସହିତ ଷ୍ଟୋର୍ ଲିଙ୍କ୍ ନିୟୋଜିତ କରନ୍ତୁ ଓ ବିକ୍ରି ଆରମ୍ଭ କରନ୍ତୁ । ଖାତାବୁକ୍ ଆପ୍‌ର ମାସିକ ସକ୍ରିୟ ଉପଭୋକ୍ତା ଆଧାର ୮୦ ଲକ୍ଷ ରହିଥିବା ବେଳେ ଏହା ପାରମ୍ପରିକ ବ୍ୟବସାୟ ଉଧାର ଖାତାବହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କରି ଏମ୍‌ଏସ୍‌ଏମ୍‌ଇ ଶିଳ୍ପରେ ସୁଧଶର ଆଣିଛି । ଏହି ଆପ୍ କିରାନା ଷ୍ଟୋରଠାରୁ ଆରମ୍ଭ କରି ମୋବାଇଲ ରିଚାର୍ଜ ଦୋକାନ, ଗାର୍‌ମେଂଟ୍ ଡିଲର ଓ ଜୁଏଲର୍ସ ପର୍ଯ୍ୟନ୍ତ ପ୍ରାୟ ୫୦୦ରୁ ଅଧିକ ପ୍ରକାରର ବ୍ୟବସାୟକୁ ସେବା ପ୍ରଦାନ କରୁଛି ।

## ନ୍ୟୁହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା

ଭୁବନେଶ୍ୱର : ପୃଥିବୀର ଅଗ୍ରଣୀ ଏଗ୍ରିକଲଚର ବ୍ରାଣ୍ଡ୍ ନ୍ୟୁ ହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ଭାରତରେ ଏହାର ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା କରାଯାଇଛି । ପ୍ରଥମ କରି ନ୍ୟୁ ହଲାଣ୍ଡ ପକ୍ଷରୁ ଏଭଳି ସୁବିଧା ଗ୍ରାହକଙ୍କ ପାଇଁ ଘୋଷଣା କରାଯାଇଛି । କମ୍ପାନୀ ପକ୍ଷରୁ ୬ ବର୍ଷ ଏବଂ ୬୦୦୦ ଘଂଟାର ୱାରେଂଟି ପଲିସି ୨୦୨୦ ଅକ୍ଟୋବର ୨ଠାରୁ ଲାଗୁ ହୋଇଛି । ଏହି ୱାରେଂଟି ସୁବିଧା ସହଜରେ ରିସେଲ୍ ସମୟରେ ବିକ୍ରେତାଙ୍କଠାରୁ କ୍ରେତାଙ୍କ ପାଖକୁ ଟ୍ରାନ୍ସଫର୍ ମଧ୍ୟ ହୋଇପାରିବ । ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତ ଏବଂ ସାର୍କର ପରିଚାଳନା ନିର୍ଦ୍ଦେଶକ ତଥା କଂଟ୍ରି ହେଡ୍ ରୌନକ୍ ବର୍ମା କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ଜ୍ଞାନକୌଶଳ, ବିଶ୍ୱାସନୀୟତା ଏବଂ ଗୁଣବର୍ତ୍ତା ପାଇଁ ଖ୍ୟାତି ହାସଲ କରିପାରିଛି । ଆମେ ଆମର ଉତ୍ପାଦ ଉପରେ ବେଶ୍ ନିଶ୍ଚିତ । ତେଣୁ ଆମେ ୬ ବର୍ଷର ୱାରେଂଟି ସୁବିଧା ଭାରତରେ ସମସ୍ତ ଟ୍ରାକ୍ଟର ଉପରେ ଘୋଷଣା କରିଛୁ । ଦେଶର କୃଷକମାନଙ୍କ ପ୍ରତି ଥିବା ଆମର ପ୍ରତିଶ୍ରୁତି ବଦ୍ଧତାକୁ ଏହା ସୂଚିତ କରୁଛି । ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତର ସେଲସ୍ ନିର୍ଦ୍ଦେଶକ ବିମଲ କୁମାର କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ପକ୍ଷରୁ ଘୋଷଣା କରାଯାଇଥିବା ୬ ବର୍ଷର ଟି-ୱାରେଂଟି ଆମର ଶ୍ରେଷ୍ଠ ଜ୍ଞାନକୌଶଳକୁ ପ୍ରତିପାଦିତ କରିବାକୁ ସକ୍ଷମ ହୋଇଛି । ଏହି ୱାରେଂଟି ସୁବିଧା ପରବର୍ତ୍ତୀ କ୍ରେତାଙ୍କ ପାଖକୁ ସହଜରେ ଟ୍ରାନ୍ସଫର ହୋଇପାରିବ । ନ୍ୟୁ ହଲାଣ୍ଡ ଏଗ୍ରିକଲଚରର ଶ୍ରେଷ୍ଠ ଜ୍ଞାନକୌଶଳଯୁକ୍ତ ଟ୍ରାକ୍ଟର ଉପଲବ୍ଧ କରାଯାଇଥାଏ । ଏହା ସହିତ ସମସ୍ତ ଚାଷ ଉପକରଣ ଚାଷ ଜମି ପ୍ରସ୍ତୁତିଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ଉପଲବ୍ଧ କରାଇଥାଏ । ଏହା ଘାସ ଏବଂ ଚାରା ରୋପଣ ଉପକରଣ, ପ୍ଲାଂଟର, ବାଲେର, ସ୍ପ୍ରେୟର, ଟିଲର ଉପକରଣ ଆଦି ପ୍ରସ୍ତୁତ କରିଥାଏ । କମ୍ପାନୀର ଟ୍ରାକ୍ଟର ରେଞ୍ଜ ଉନ୍ନତ ଜ୍ଞାନକୌଶଳ ଆଧାରରେ ନିର୍ମିତ । ଏଗୁଡ଼ିକ ବିଶେଷ ଶକ୍ତିଶାଳୀ ଏବଂ ଏହାର ଇଞ୍ଜିନ୍ ଇନ୍ଧନ ସଂଚୟକାରୀ । ଭାରତବ୍ୟାପି କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଆବଶ୍ୟକ ତାଲିମ୍ ବିକ୍ରି ପରବର୍ତ୍ତୀ ସେବା ଅନ୍ତର୍ଗତ ମଧ ଯୋଗାଇ ଦିଆଯାଇଥାଏ ।

# ଫୋନ୍‌ପେ ପକ୍ଷରୁ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଡିଜିଟାଲ ପେମେଂଟ୍ ପ୍ଲାଟ୍‌ଫର୍ମ ଫୋନ୍‌ପେ ପକ୍ଷରୁ ଆଜି ବଜାଜ୍ ଆଲିଏନ୍ସ ଜେନେରାଲ ଇନ୍ସ୍ୟୁରାନ୍ସ ସହ ଘରୋଇ କାର୍ ଓ ଦୁଇଚକିଆ ଯାନ ମାଲିକଙ୍କ ପାଇଁ ନିଜ ପ୍ଲାଟ୍‌ଫର୍ମରେ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦର ଶୁଭାରମ୍ଭ କରାଯାଇଛି । ଏହାଦ୍ୱାରା ୨୩୦ ମିଲିୟନରୁ ଅଧିକ ଫୋନ୍‌ପେ ଉପଭୋକ୍ତା ବିନା କୌଣସି ବାଧାରେ ୨ ମିନିଟ୍ ମଧରେ ନିଜ କାର୍ ଓ ବାଇକ୍‌ର ଇନ୍‌ସ୍ୟୁରାନ୍ସ କରିପାରିବେ । ଏହା କିଣିବା ପାଇଁ ସେମାନଙ୍କୁ କୌଣସି ଡକ୍ୟୁମେଂଟ୍ ଅପ୍‌ଲୋଡ୍ କରିବାର ଆବଶ୍ୟକତା ନାହିଁ ଏବଂ ଏଥିସହିତ ସେମାନେ ଆପ୍‌ରେ ତତ୍କାଳ ନିଜର ବୀମା କାଗଜପତ୍ର ମଧ ଦେଖିପାରିବେ । ଫୋନ୍‌ପେର କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦ ବର୍ତ୍ତମାନର ବଜାର ଦର ଅନୁଯାୟୀ ଉପଲବ୍ଧ ସବୁଠାରୁ ଶସ୍ତା ଉତ୍ପାଦ ମଧ୍ୟରୁ ଅନ୍ୟତମ । ଫୋନ୍‌ପେ'ରେ କାର୍ ଓ ବାଇକ୍ ଇନ୍‌ସ୍ୟୁରାନ୍ସ କରିଥିବା ଗ୍ରାହକମାନେ ବାଧାମୁକ୍ତ ନବୀକରଣ, ଦେଶବ୍ୟାପୀ ଗ୍ୟାରେଜ୍‌ରେ କ୍ୟାଶଲେସ୍ ମରାମତି ଓ ମେଂଟେନାନ୍ସ ସର୍ଭିସ୍ ଓ ୨୦ ମିନିଟ୍ ମଧରେ ସ୍ମାର୍ଟଫୋନ୍-ସାମର୍ଥ୍ୟ କ୍ଲେମ୍ ସେଟେଲ୍‌ମେଂଟ୍ ସୁବିଧା ପାଇପାରିବେ । ଫୋନ୍‌ପେ ଉପଭୋକ୍ତାମାନେ ନିଜର ଆବଶ୍ୟକତା ମୁତାବକ କାର୍ ଇନ୍ସ୍ୟୁରାନ୍ସ ଯୋଜନାର ମୂଲ୍ୟ ଯେପରିକି ଶୂନ୍ୟ ମୂଲ୍ୟହ୍ରାସ, ୨୪x୭ ରୋଡ୍‌ସାଇଡ୍ ସହାୟତା ଓ ଇଞ୍ଜିନ୍ ସୁରକ୍ଷାକୁ ଅନୁକୂଳିତ କରିପାରିବେ । ଶୂନ୍ୟ ମୂଲ୍ୟ ହ୍ରାସ ଯାନବାହନକୁ ଏହାର ଅଂଶର ମୂଲ୍ୟରେ ବାର୍ଷିକ ମୂଲ୍ୟ ହ୍ରାସ ଚିନ୍ତା ନକରି ସୁରକ୍ଷା କରିବାରେ ସାହାଯ୍ୟ କରିଥାଏ ଓ ସମ୍ପୂର୍ଣ୍ଣ କ୍ଲେମ୍ ରାଶି ପେମେଂଟ୍ କରିଥାଏ, ଯାହାଦ୍ୱାରା ଗ୍ରାହକଙ୍କୁ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡିନଥାଏ । ଏସମ୍ପର୍କରେ ଫୋନ୍‌ପେ ଇନ୍ସ୍ୟୁରାନ୍ସ ବିଭାଗର ଉପାଧ୍ୟକ୍ଷ ଓ ମୁଖ୍ୟ ଗୁଞ୍ଜନ ଘାଇ କହିଛନ୍ତି, "ଏହି ଦୁଇ ଉତ୍ପାଦ ଗ୍ରାହକଙ୍କ ସମସ୍ତ ଇନ୍ସ୍ୟୁରାନ୍ସ ଆବଶ୍ୟକତା ପାଇଁ ଗୋଟିଏ ବନ୍ଦବ୍ୟସ୍ଥଳ ଓ ଆମର ଲକ୍ଷ୍ୟ ଅନୁରୂପ ଅଟେ । ଆମର ଲକ୍ଷ୍ୟସ୍ଥଳରେ ପହଂଚିବା ଓ ଗ୍ରାହକଙ୍କ ଦୃଷ୍ଟିକୋଣ ସହିତ ଆମେ ମୋଟର ଇନ୍ସ୍ୟୁରାନ୍ସ କିଣିବା ପାଇଁ ଏକ ସରଳ, ଶୀଘ୍ର ଓ ସୁବିଧାଜନକ ଉପାୟ ପ୍ରଦାନ କରୁଛୁ ଓ ସୁଗମ ନବୀକରଣ ମଧ ସକ୍ଷମ କରିଛୁ ।" ସେହିପରି ବଜାଜ ଆଲିଆନ୍ସ ଜେନେରାଲ ଇନ୍ସ୍ୟୁରାନ୍ସର ୱେବ୍ ସେଲ୍‌ଓ ଓ ଟ୍ରାଭେଲ୍‌ର ଅଧିକକ୍ଷ ଓ ମୁଖ. ସୌରଭ ଚାଟାର୍ଜୀ କହିଛନ୍ତି, "ଆମେ ସବୁବେଳେ ପ୍ରୟାସ କରିଥାଉ ବଜାରରେ ଏଭଳି ବୀମା ଉତ୍ପାଦ ଉପଲବ୍ଧ କରିବା ପାଇଁ, ଯାହା ଗ୍ରାହକଙ୍କ ପାଇଁ ସରଳ, ବୁଝିବାରେ ସହଜ, କ୍ରୟ ଓ ଦାବି କରିବା ପାଇଁ ସହଜ ହୋଇପାରିବ । ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରଦାନକାରୀଙ୍କ ସହ ଆମର ସହଭାଗିତା ସେହି ଦିଗରେ ଆଉ ଏକ ଛୋଟ କିନ୍ତୁ ବିଶାଳ ପଦକ୍ଷେପ । ଭବିଷ୍ୟତରେ ଆମେ ଏହି ପ୍ଲାଟ୍‌ଫର୍ମ ଅନେକ ନୂତନ ଓ ଅଭିନବ ଉତ୍ପାଦ ଗୁନିକ ଶୁଭାରମ୍ଭ କରିବୁ । ଫୋନ୍‌ପେର ଉପଭୋକ୍ତାମାନେ ସେମାନଙ୍କର ବାଇକ୍ ଓ କାର୍‌ଗୁଡିକୁ କିଛି ସରଳ ପଦକ୍ଷେପରେ ବୀମାଭୁକ୍ତ କରିପାରିବେ ।

# ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ

ଭୁବନେଶ୍ୱର: ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ପକ୍ଷରୁ ଆଜି ଭାରତରେ ଏହାର ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରାଯାଇଛି । ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରିଥିବା ଭାରତ ହେଉଛି ପ୍ରଥମ ଦେଶ । ଉଭୟ ମୋଟରସାଇକେଲ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ଡିଲରସିପ୍‌ଗୁଡିକରେ ଆଜିଠାରୁ ଉପଲବ୍ଧ ହେବ । ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସରକୁ ଜର୍ମାନୀର ମ୍ୟୁନିକ୍‌ଠାରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଦ୍ୱାରା ବିକଶିତ କରାଯାଇଥିବା ବେଳେ ଏହାକୁ ଭାରତର ହୋସୁର୍‌ଠାରେ କୋ-ଅପରେଶନ ପାର୍ଟନର ଟିଭିଏସ୍ ମୋଟର କମ୍ପାନୀ ଦ୍ୱାରା ସ୍ଥାନୀୟ ଭାବେ ବିଏସ-ଭିଆଇ ନିୟମ ଅନୁଯାୟୀ ଉତ୍ପାଦନ କରାଯାଇଛି । ଏହାର ଏକ୍ସ-ଶୋ'ରୁମ୍ ମୂଲ୍ୟଗୁଡିକ ଯେପପରିକି ବିଏମଡ଼ବ୍ଲ୍ୟୁ ଜି୩୧୦ଆର ମାତ୍ର ୨,୪୫,୦୦୦ରେ ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ମାତ୍ର ୨,୮୫,୦୦୦ରେ ଉପଲବ୍ଧ ହେଉଛି । ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ଏବେ ବିଏମଡ଼ବ୍ଲ୍ୟୁ ଇଣ୍ଡିଆ ଫାଇନାନ୍ସିଆଲ ସର୍ଭିସେସ୍ ମାଧ୍ୟମରେ ଯଥାକ୍ରମେ ମାତ୍ର ୪,୫୦୦ ଏବଂ ୫,୫୦୦ ରୁ ଆରମ୍ଭ ହେଉଥିବା ସମସ୍ତ-ଇନ୍‌କ୍ଲୁସିଭ୍ ମାସିକ ଇନ୍‌ଷ୍ଟଲ୍‌ମେଂଟ୍ ସହିତ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ବା ଋଣ ଯୋଜନାରେ ଉପଲବ୍ଧ ହେଉଛି । ଏସମ୍ପର୍କରେ ବିଏମଡ଼ବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ପ୍ରେସିଡେଂଟ୍, ବିକ୍ରମ ପାୱା କହିଛନ୍ତି, ବିଶ୍ୱସ୍ତରରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଉଭୟ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ସହିତ ଦ୍ରୁତ ଅଭିବୃଦ୍ଧିଶୀଳ ସବ -୫୦୦ ସିସି ସେଗ୍‌ମେଂଟ୍‌ରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ହଜାର ହଜାର ଚାଳକ ଓ ଉତ୍ସାହୀମାନଙ୍କ ପାଇଁ,



ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଶୁଦ୍ଧ ମୋଟରସାଇକ୍ଲିଙ୍ଗ୍‌କୁ ଦୈନନ୍ଦିନ ଜୀବନ ପାଇଁ ପୁନଃପରିଭାଷିତ କରିଥିଲା । ସେହିପରି ଆଡ୍‌ଭେଂଚର୍ ଓ ଆନନ୍ଦ ଚାହୁଁଥିବା ଚାଳକଙ୍କ ପାଇଁ ଅଫ୍-ବିଟ୍ ଟ୍ରାକ୍ ନେବା ପାଇଁ ଏକ ଉପଯୁକ୍ତ କାରଣ ପ୍ରଦାନ କରିଥିଲା । ନିଜର ନୂତନ ଅବତତାରରେ ଉଭୟ ମୋଟରସାଇକେଲ୍‌ରେ ଆକର୍ଷଣୀୟ ଡିଜାଇନ୍ ମୋଡିଫିକେସନ, ନୂତନ ଟେକ୍ନୋଲୋଜି ଓ ଉନ୍ନତ ରାଇଡିଙ୍ଗ ଡାଇନାମିକ୍ସକୁ ସାମିଲ କରାଯାଇଛି । ଆମେ ଉଭୟ ବାଇକ୍‌କୁ ଏକ ଆକର୍ଷଣୀୟ ମୂଲ୍ୟ, ଅତୁଳନୀୟ ମାସିକ କିସ୍ତି ଓ ମାଲିକାନା ମୂଲ୍ୟ ହ୍ରାସ ସହ ଶୁଭାରମ୍ଭ କରିଥିଲୁ । କ୍ଲୋଜ୍-ନିଟ୍ ଓ ପ୍ୟାସୋନେଟ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ସମୁଦାୟର ଏକ ଅଂଶ ହେବା ଲାଗି ଏହା ହେଉଛି ଏକ ଚିତାକର୍ଷକ ଆମନ୍ତ୍ରଣ । ଏହା ଏହାଠାରୁ ଅଧିକ ଭଲ ହୋଇପାରିବ ନାହିଁ । ତେଣୁ ଆଗକୁ ବଢନ୍ତୁ ଓ 'ମେକ୍ ଲାଇଫ୍ ଏ ରାଇଡ୍' ।" ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ, ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ର ପ୍ରିମିୟମ ଡିଲର ନେଟ୍‌ୱର୍କ ମାଧ୍ୟମରେ ବିକ୍ରି ହେବ ଓ ସର୍ଭିସ୍ କରାଯିବ, ଯାହାକି ଦିଲ୍ଲୀ (ଲ୍ୟୁଟିଏନ୍ସ ମୋଟୋରାଡ୍), ମୁମ୍ବାଇ (ନବ୍‌ନୀତ ମୋଟର୍ସ), ପୁନେ (ବାଭାରିଆ ମୋଟର୍ସ),ଚେନ୍ନାଇ (କେୟୁଏନ ମୋଟୋରାଡ୍), ବେଙ୍ଗାଲୁରୁ (ଟସ୍କର ମୋଟୋରାଡ୍), ଅହମ୍ମଦାବାଦ (ଗ୍ୟାଲୋପ୍ସ ଅଟୋହାଉସ୍), କୋଚି (ଇଭିଏମ ଅଟୋକ୍ରାଫ୍ଟ), ହାଇଦ୍ରାବାଦ (ଜେଏସପି ମୋଟୋରାଡ୍), ଇନ୍ଦୋର (ମ୍ୟୁନିକ୍ ମୋଟର୍ସ), ଲକ୍ଷ୍ନୌ (ସ୍ପିଡ୍ ମୋଟର୍ସ), ଚଣ୍ଡୀଗଡ (କ୍ରିଷ୍ଟା ଅଟୋମୋବାଇଲ୍ସ), ଜୟପୁର (ପ୍ରତାପ ମୋଟୋରାଡ୍), ରାୟପୁର (ମନ୍ଧନ ମୋଟର୍ସ), କଟକ (ଓଏସଏଲ ପ୍ରେଷ୍ଟିଜ୍),(ଓଏସଏଲ ପ୍ରେଷ୍ଟିଜ୍),ଓ ରାଂଚି (ଟାଇଟାନିୟମ ଅଟୋସ୍) ଭଳି ଭାରତର ପ୍ରମୁଖ ସହରଗୁଡିକରେ ଉପସ୍ଥିତ ରହିଛି ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



# କେନ୍ଦ୍ର ମୋଦି ସରକାର ଓବିସି ବିରୋଧି: କଂଗ୍ରେସ




ଭୁବନେଶ୍ୱର : ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱାଧିନ ମୋଦି ସରକାର ଓବିସି ସ୍ୱାର୍ଥର ପରିପନ୍ଥୀ ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା କହିଛନ୍ତି ଯେ ବିଳମ୍ବିତ ନ୍ୟାୟ ହେଉଛି ବିଡ଼ମ୍ବିତ ନ୍ୟାୟ। କେନ୍ଦ୍ର ସରକାର ଦେଶ ଜନସଂଖ୍ୟାର ଅର୍ଦ୍ଧେକ ଓବିସି ବର୍ଗ ପ୍ରତି ଧାରାବାହିକ ଭାବେ ଅବହେଳା ପ୍ରଦର୍ଶନ କରିଚାଲିଛି। ତାଙ୍କ ଯୁକ୍ତିରେ ପ୍ରତିପାଦନ ପାଇଁ ସେ କରିଛନ୍ତି ଯେ ପାର୍ଲ୍ୟାମେଂଟରେ ସଦ୍ୟ ପାରିତ ୧୨୭ ତମ ସଂଶୋଧନ ବିଲ କେନ୍ଦ୍ର ସରକାରଙ୍କ ତ୍ରୁଟିର ସଂଶୋଧନ ମାତ୍ର। ଏଥିରେ ଓବିସି ସ୍ୱାର୍ଥ ରକ୍ଷା କ୍ଷେତ୍ରରେ କୌଣସି ନୂଆ ପ୍ରାବଧାନ ନାହିଁ। ୧୦୨ତମ ସଂବିଧାନ ସଂଶୋଧନ କରି ରାଜ୍ୟମାନଙ୍କର କ୍ଷମତା ଅପହରଣ ଜନିତ ଯେଉଁ ପାପ କରିଥିଲେ ଏହା ତାହାର ପ୍ରାୟଶ୍ଚିତ ମାତ୍ର। ଅନୁରୂପ ଭାବେରେ ଜୁଲାଇ ୨୬ ରେ ଓବିସି ଓ ଇବିସି ମାନଙ୍କ ପାଇଁ ଯେଉଁ ୨୭ ଭାଗ ଓ ୧୦ ଭାଗ ମେଡିକାଲ କଲେଜ ନାମଲେଖା କ୍ଷେତ୍ରରେ ଉଦ୍ଦିଷ୍ଟ ସର୍ବ ଭାରତୀୟ କୋଟାରେ ସଂରକ୍ଷଣ ଘୋଷଣା କଲେ ତାହା କୋର୍ଟ ଭୟରେ। ଏକ ସପ୍ତାହ ମଧ୍ୟରେ ଏହା ସଂରକ୍ଷଣ କରି ନାମଲେଖା ପ୍ରକ୍ରିୟା ଆରମ୍ଭ ନକେଲ କୋର୍ଟ ଅବମାନନା ଅପରାଧରେ ଦଣ୍ଡିତ କରାଯିବାର ମାଡ୍ରାସ ଭଳି ଉଚ୍ଚ ନ୍ୟାୟଳୟ ଯେଉଁ ଧମକ ଦେଲେ ସେଥିରେ ସରକାର ମୁଣ୍ଡ ନୁଆଁଇଲେ। ଓବିସି ପ୍ରତି ଦରଦୀ ମନୋଭାବ ନୁହେଁ ବରଂ ଓବିସି ସ୍ୱାର୍ଥ ବିରୋଧି ଆଭିମୁଖ୍ୟର ପରିଚାୟକ। ପ୍ରଧାନ ମନ୍ତ୍ରୀ ଗତ ଜୁଲାଇ ୩,୨୦୨୦ରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଦେଇଥିବା ଚିଠି ପ୍ରତି ଉଚିତ ଧ୍ୟାନ ଦେଇଥାନ୍ତେ ତେବେ କୋର୍ଟର ଧମକରୁ ବଂଚିତ ହୋଇଥାନ୍ତେ ଓ ଓବିସି ବର୍ଗର ଛାତ୍ରଛାତ୍ରୀ ମାନେ ମେଡିକାଲ କୋର୍ସ ପଢ଼ି ଉପକୃତ ହୋଇଥାନ୍ତେ। ଉପରୋକ୍ତ ଦୁଇଟି ଉଦାହରଣ ଓବିସି ପ୍ରତି ସରକାରୀ ଉଦାସୀନତାର ପ୍ରମାଣ ଦେଉଛି। ଶ୍ରୀ ବେହେରା ଦର୍ଶାଇଥିଲେ ଯେ କେନ୍ଦ୍ର ସରକାର ଅକ୍ଟୋବର ୨, ୨୦୧୭ ରେ ଅବସରପ୍ରାପ୍ତ ବିଚାରପତି ରୋହିନି କମିଶନ ବସାଇ ମାର୍ଚ୍ଚ ୨୦୧୮ ରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କମିଶନଙ୍କ ସୁପାରିଶ ଆଧାରରେ ପଛୁଆବର୍ଗ ପାଇଁ ଅଧିକ ସାମାଜିକ ଓ ଅର୍ଥନୈତିକ ବିକାଶର ସୁଯୋଗ ହୋଇପାରନ୍ତା ବୋଲି ସୂଚନା ଦେଇଥିଲେ। ମାତ୍ର ଇତି ମଧ୍ୟରେ ଏହି କମିଶନଙ୍କ କାର୍ଯ୍ୟକାଳ ବାରମ୍ବାର ବଢ଼ିଚାଲିଛି ଓ ଜୁଲାଇ ମାସରେ ଏହାକୁ ଆସନ୍ତା ଜାନୁଆରୀ ୩୧, ୨୦୨୨ କୁ ବୃଦ୍ଧି କରାଯାଇଛି। ଏହା କେବଳ ବିଳମ୍ବିତ ନ୍ୟାୟର ସୂଚନା ଦେଉଛି। ସୁତରାଂ କଂଗ୍ରେସ ଏହାର ଦୃଢ଼ ନିନ୍ଦା କରୁଛି ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ଠାରୁ ଜାଣିବାକୁ ଚାହୁଁଛି। ସୁପ୍ରିକୋର୍ଟ ଲାଗୁକରିଥିବା ସଂରକ୍ଷଣ ସର୍ବାଧିକ ସୀମା ୫୦ ପ୍ରତିଶତର ଅଂକୁଶ ଉଠାଇବା ନିମନ୍ତେ କେବେ ଆଇନ ଆଣିବ? ୫୦ ପ୍ରତିଶତ ଅଂକୁଶ ହଟାଇବା ଆଇନ ଆଣିବା ପର୍ଯ୍ୟନ୍ତ ସମସ୍ତ ସଂରକ୍ଷଣ ସଂବଧିତ ଆଇନ ଗୁଡ଼ିକ ନବମ ଅନୁଛେଦରେ ଅର୍ନ୍ତଭୁକ୍ତ କରିବ କି? ଜାତି ଗଣନା ବିଶେଷ କରି ପଛୁଆବର୍ଗର ଜାତି ଗଣନା କେବେ କରିବ? ଯଦି କଂଗ୍ରେସ ପ୍ରଶ୍ନର ଜବାବ ଦେବାକୁ କେନ୍ଦ୍ର ସରକାର ପଛଘୁଂଚା ଦିଅନ୍ତି ତେବେ କେବଳ ପଛୁଆବର୍ଗ ନୁହେଁ ଇତିହାସ ଆପଣଙ୍କୁ କ୍ଷମା ଦେବ ନାହିଁ ବୋଲି ଶ୍ରୀ ବେହେରା ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ଦୁଇ ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାଶ, ଓ ଅମୀୟ ପାଣ୍ଡବ ଓ ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

# ବରିଷ୍ଠ କଂଗ୍ରେସ କର୍ମୀ ରସାନନ୍ଦ ସ୍ୱାଇଁଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମଣିକୁଣ୍ଡା ପଞ୍ଚାୟତର ବରିଷ୍ଠ କଂଗ୍ରେସ କର୍ମୀ ରସାନନ୍ଦ ସ୍ୱାଇଁଙ୍କର ୬୮ବର୍ଷ ବୟସରେ ହୃଦଘାତରେ ଗତ ବୁଧବାର ପରଲୋକ ହୋଇଯାଇଛି। ସ୍ୱର୍ଗତ ସ୍ୱାଇଁଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କଂଗ୍ରେସ ଦଳର ବରିଷ୍ଠ ନେତା ଫକୀର ଚରଣ ଖଟୁଆ, ବସନ୍ତ କୁମାର ସେଠୀ, ମହେନ୍ଦ୍ର କୁମାର ପରିଡା ପ୍ରମୁଖ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସ୍ୱର୍ଗତ ଆତ୍ମାର ସାଦଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ସ୍ୱର୍ଗତ ସ୍ୱାଇଁଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ପୁତ୍ର ଗୁରୁ ପ୍ରସାଦ ମହାନ୍ତି ଓ ସୁଜିତ କୁମାର ମହାନ୍ତି ମଧ୍ୟ ଗଭୀର ଶୋକ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ବେଦାନ୍ତ ଗ୍ରୁପ୍‌ର ଅନୀଲ ଅଗ୍ରୱାଲ ଫାଉଣ୍ଡେଶନ ସହାୟତାରେ ଧମାକା ରେକର୍ଡସ୍ ପକ୍ଷରୁ ସ୍ୱାଧୀନତା ଦିବସ ସଙ୍ଗୀତ ହମ୍ ହିନ୍ଦୁସ୍ଥାନୀ ଉନ୍ମୋଚିତ




ଭୁବନେଶ୍ୱର: ଧମାକା ରେକର୍ଡସ୍ ପକ୍ଷରୁ ବେଦାନ୍ତ ଗ୍ରୁପ୍‌ର ଅନୀଲ ଅଗ୍ରୱାଲ ଫାଉଣ୍ଡେଶନ ସହାୟତାରେ ପ୍ରଥମ ମ୍ୟୁଜିକ୍ ଟ୍ରାକ୍ ହମ୍ ହିନ୍ଦୁସ୍ଥାନୀ ଉନ୍ମୋଚିତ ହୋଇଛି। ଆଶା ଏବଂ ଏକତାର ବହନ କରୁଥିବା ଏହି ସ୍ୱାଧୀନତା ଦିବସ ଜାତୀୟ ସଙ୍ଗୀତ ପ୍ରିୟଙ୍କ ଶର୍ମା ଏବଂ ପରସ ମେହଟ୍ଟାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏହି ସୁମଧୁର ହୃଦୟସ୍ପର୍ଶୀ ଜାତୀୟ ସଙ୍ଗୀତ ଭାରତୀୟ ଫିଲ୍ମ ଜଗତର ୧୫ ଜଣ ଖ୍ୟାତି ସମ୍ପନ୍ନ ବ୍ୟକ୍ତିତ୍ୱଙ୍କ ଦ୍ୱାରା ଗାନ କରାଯାଇଛି। ଏହି ଗୀତଟି ସାମ୍ପ୍ରତିକ ସମୟରେ ଆବଶ୍ୟକ ହେଉଥିବା ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ବହନ କରୁଛି। ସଙ୍ଗୀତ ଭଳି ଶକ୍ତିଶାଳୀ ପ୍ଲାଟଫର୍ମ ମାଧ୍ୟମରେ ଦେଶବାସୀଙ୍କୁ ଏକଜୁଟ କରି ସଭିଙ୍କ ମଧ୍ୟରେ ଉନ୍ନତି ଏବଂ ବିଶ୍ୱାସ ଭାବନା ବୃଦ୍ଧି ପାଇଁ ୧୫ ଜଣ ଇଣ୍ଡଷ୍ଟ୍ରି ଷ୍ଟାଲୱାର୍ଟ ଏହି ଗୀତରେ କଣ୍ଠଦାନ କରିଛନ୍ତି। ଏହା ପୃଥିବୀର ପ୍ରତିଟି ପ୍ରାନ୍ତରେ ଥିବା ଭାରତୀୟଙ୍କୁ ଏକତ୍ରିତ କରି ସଭିଙ୍କ ମନରେ ହମ ହିନ୍ଦୁସ୍ଥାନୀ ଭାବନା ଜାଗ୍ରତ କରିବାକୁ ସକ୍ଷମ ହେବ। ସୁଶ୍ରୀ ଲତା ମଙ୍ଗେଶକରଙ୍କ ଠାରୁ ଆରମ୍ଭ କରି ଅମିତାଭ ବଚ୍ଚନ, ପଦ୍ମିନୀ କୋହ୍ଲାପୁରି, ଅନୀଲ ଅଗ୍ରୱାଲ, ସୋନୁ ନିଗମ, କୈଳାଶ ଖେର, ଅଲକା ୟାଗନିକ, ଶବୀର କୁମାର, ଶ୍ରଦ୍ଧା କପୁର, ସୋନାକ୍ଷୀ ସିହ୍ନା, ଶ୍ରୁତି ହାସନ, ତାରା ସୂତରିଆ, ଅଙ୍କିତ ତିୱାରୀ, ସିଦ୍ଧାନ୍ତ କପୁର ଏବଂ ଜନ୍ନତ ଜୁବେର ପ୍ରମୁଖ କଳାକାର, ମ୍ୟୁଜିକସିଆନ୍ ଏବଂ ଇଣ୍ଡଷ୍ଟ୍ରି ଷ୍ଟାଲୱାର୍ଟ ଧମାକା ରେକର୍ଡର ଡେବ୍ୟୁ ଗୀତରେ ସାମିଲ୍ ହୋଇଛନ୍ତି। ଏହା ସହିତ ଅନୀଲ ଅଗ୍ରୱାଲଙ୍କ ଭଳି ଜଣେ ଲୋକପକାରକ ଏଥିରେ ସାମିଲ୍ ହୋଇଛନ୍ତି। ଏହି ଅବସରରେ ବେଦାନ୍ତ ରିର୍ସୋସେସର ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ କହିଲେ, ଆମ ଲୋକଙ୍କ ସ୍ଥିରତାବୋଧ ବାସ୍ତବରେ ଆଶ୍ଚର୍ଯ୍ୟଜନକ। ମହାମାରୀ ଆମ ସମସ୍ତଙ୍କୁ ପ୍ରଭାବିତ କରିଥିବାବେଳେ ମୁଁ ନିଶ୍ଚିତ ଯେ, ଆମେ ଏଥିରୁ ଶୀଘ୍ର ମୁକ୍ତି ପାଇବା। ଜାତୀୟ ସଙ୍ଗୀତ-ହମ ହିନ୍ଦୁସ୍ଥାନୀ -ମୋର ମୂଳ ବିଶ୍ୱାସକୁ ଉଦ୍‌ଜୀବିତ କରିବା ସହିତ ବିଶ୍ୱାସ ଜଗାଉଛି ଯେ, ଆମେ ପୁଣି ବିଜୟୀ ହେବା। ଏହି ଗୀତ ଗାନ କରିବା ପରେ ମୁଁ ଏହା ଦ୍ୱାରା ଅନୁପ୍ରାଣିତ ହୋଇଥିବା ଅନୁଭବ କରି ପାରିଛି। ଆମର କେତେକ ଖ୍ୟାତିସମ୍ପନ୍ନ ବ୍ୟକ୍ତିତ୍ୱଙ୍କ ସହଯୋଗରେ ପ୍ରସ୍ତୁତ ହୋଇଥିବା ଏହି ଜାତୀୟ ସଙ୍ଗୀତ ଆଶା ଏବଂ ଏକତାର ବାର୍ତ୍ତା ବହନ କରୁଛି। ଏହା ଜଣେ ଗର୍ବିତ ଭାରତୀୟଙ୍କ ହୃଦୟ କନ୍ଦରରୁ ସ୍ଫୁରିତ ହୋଇଛି। ଏହି ଗୀତକୁ ବେଦାନ୍ତ ଗ୍ରୁପ୍‌ର ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସମ୍ପ୍ରଦାୟକୁ ସଶକ୍ତିକରଣ, ଜୀବନରେ ପରିବର୍ତ୍ତନ କରିବା ଏବଂ ନିରନ୍ତର ତଥା ଅନ୍ତର୍ଭୁକ୍ତିକରଣ ଅଭିବୃଦ୍ଧି ମାଧ୍ୟମରେ ରାଷ୍ଟ୍ର ନିର୍ମାଣର ପଥକୁ ସୁଗମ କରିବା ଦିଗରେ ବେଦାନ୍ତ ଗ୍ରୁପ୍ ପ୍ରତିଶ୍ରୁତିବଦ୍ଧ। ଏହା ଦେଶର ୫ ଶ୍ରେଷ୍ଠ ଲୋକପକାରକ ମଧ୍ୟରେ ସ୍ଥାନୀତ ହୋଇଛି। ହମ୍ ହିନ୍ଦୁସ୍ଥାନୀ, ସ୍ୱତଃ ଏହା ପ୍ରକାଶ କରିଥାଏ। ଏହି ଗୀତ ଏକତା, ଦେଶପ୍ରେମର ଭାବନା, ଆଶା ଏବଂ ବିଶ୍ୱାସକୁ ପ୍ରୋତ୍ସାହିତ କରିବାକୁ ସକ୍ଷମ ହେବ। ପ୍ରଥମ ଥର ପାଇଁ ଖ୍ୟାତି ସମ୍ପନ୍ନ କିମ୍ବଦନ୍ତୀ ବ୍ୟକ୍ତିତ୍ୱମାନଙ୍କ ସହଯୋଗରେ ଧମାକା ରେକର୍ଡସ ଏହି ଉଲ୍ଲେଖନୀୟ ଟ୍ରାକ୍ ସହିତ ନିଜର ଗୀତ ଡେବ୍ୟୁ କରିଛି। ଧମାକା ରେକର୍ଡସର ସହ-ପ୍ରତିଷ୍ଠାତା ପଦ୍ମିନୀ କୋହ୍ଲାପୁରି ଏହି ଚମତ୍କାର ଗୀତ ଉନ୍ମୋମୋଚନ ବିଷୟରେ କହିଛନ୍ତି ଯେ, ଏହା ମୋତେ ବହୁତ ଆନନ୍ଦ ପ୍ରଦାନ କରିଛି ଯେ, ମୋ ପୁଅ ପ୍ରିୟଙ୍କ ଶର୍ମା ଏବଂ ପରସ ମେହଟ୍ଟାଙ୍କ ସହ ମିଳିତ ହୋଇ ସେମାନଙ୍କର ପ୍ରଥମ ଟ୍ରାକ୍ ପ୍ରସ୍ତୁତ କରିଛନ୍ତି। ଏହା ସମଗ୍ର ବିଶ୍ୱରେ ଫ୍ରଂଟ୍ ଲାଇନ ଯୋଦ୍ଧାମାନଙ୍କ ପାଇଁ ଉଦ୍ଦିଷ୍ଟ। ସୁଶ୍ରୀ ଲତା ମଙ୍ଗେଶକରଙ୍କ ଠାରୁ ଆରମ୍ଭ କରି ଅମିତାଭ ବଚ୍ଚନଙ୍କ ପରି ସୁପରଷ୍ଟାର ଏବଂ ଆଜିର ଜେନ-ନେକ୍ସଟ୍ ସୁପର ଷ୍ଟାରମାନେ ଟ୍ରାକକୁ ସହଯୋଗ କରିବାକୁ ଆଗେଇ ଆସିଛନ୍ତି। ଆମେ ଏନେଇ ବେଶ୍ ଉତ୍ସାହିତ। ଏସମ୍ପର୍କରେ ପ୍ରିୟଙ୍କ ଶର୍ମା କହିଛନ୍ତି ଯେ, ଏଭଳି ଗୀତ ପ୍ରସ୍ତୁତ କରାଯାଇଥିବାରୁ ମୁଁ ଧମାକା ରେକର୍ଡସକୁ ମୋର ଗଭୀର କୃତଜ୍ଞତା ଜଣାଉଛି। ଏହା କରିଥିବାରୁ ମୁଁ ଭଗବାନଙ୍କୁ ଧନ୍ୟବାଦ ଜଣାଉଛି। ମୁଁ ନିଶ୍ଚିତ ଯେ ମୁଁ ମୋର ଜେଜେବାପା ପଣ୍ଡିତ ପାଣ୍ଡାରିନାଥ କୋହ୍ଲାପୁରିଙ୍କ ସଙ୍ଗୀତ ଉତରାଧିକାରୀ ହୋଇ ପାରିଥିବାରୁ ବେଶ୍ ଗର୍ବିତ ଅନୁଭବ କରୁଛି। ମୋର ପ୍ରଥମ ଟ୍ରାକ ପାଇଁ ଆଜିର ଯୁବ ତାରକାଙ୍କ ସମେତ ମହାନ ସୁପରଷ୍ଟାର ଏବଂ କିମ୍ବଦନ୍ତୀ ବ୍ୟକ୍ତିତ୍ୱ ସୁଶ୍ରୀ ଲତା ମଙ୍ଗେସକର, ଅମିତାଭ୍ ବଚ୍ଚନ ଏବଂ ସଙ୍ଗୀତ କ୍ଷେତ୍ରର ଅନ୍ୟ ଷ୍ଟାଲୱାର୍ଟଙ୍କର ସମର୍ଥନ ଏବଂ ଭଲପାଇବା ହାସଲ କରିଥିବାରୁ ମୁଁ ବେଶ୍ କୃତଜ୍ଞ। ମୋର ପ୍ରଥମ ଟ୍ରାକ୍ ଆମର ଫ୍ରଂଟ୍ ଲାଇନ୍ ଯୋଦ୍ଧାଙ୍କୁ ସମର୍ପିତ। ମୁଁ ଆଶା କରୁଛି ଏହି ଟ୍ରାକ୍ ସଭିଙ୍କୁ ପ୍ରେରଣା ଯୋଗାଇବ। ଏହା ସମଗ୍ର ବିଶ୍ୱରେ ସମସ୍ତଙ୍କ ମଧ୍ୟରେ ଏକତା ସୃଷ୍ଟି କରିବାକୁ ସକ୍ଷମ ହେବ। ଏହି ଟ୍ରାକ୍ ସହିତ ଜଡିତ ଥିବା ସମସ୍ତଙ୍କୁ ମୁଁ ଧନ୍ୟବାଦ ଜଣାଉଛି। ଏହି ଅବସରରେ ପାରସ ମେହେଟ୍ଟା କହିଲେ, ଏହି ପ୍ରୋଜେକ୍ଟ ମୋ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି। ମୋ ପାଇଁ ଏହା ଏକ ସମ୍ମାନସ୍ୱଦ ଘଟଣା ଏବଂ ମୋ ପାଇଁ ଅତ୍ୟନ୍ତ ବଡ଼ ସୁଯୋଗ। ଧମାକା ରେକର୍ଡ ମାଧ୍ୟମରେ ଆମର ପ୍ରଥମ ଭିଡିଓରେ ଲତାଜୀ, ଅମିତାଭଜୀ ଏବଂ ପଦ୍ମିନୀଜୀ ଭଳି କିମ୍ବଦନ୍ତୀ ବ୍ୟକ୍ତିତ୍ୱ ରହିବା ଏକ ଗର୍ବର ବିଷୟ। ଏହି କଠିନ ସମୟର ଏକାଠି ମୁକାବିଲା କରିବା ପାଇଁ ଆଶା, ଶକ୍ତି ଏବଂ ଏକତାର ବାର୍ତ୍ତାର ଆବଶ୍ୟକତା ରହିଥାଏ। ତେଣୁ ଏହାକୁ ଦୃଷ୍ଟିରେ ରଖି ଆମେ ସ୍ୱାଧୀନତା ଦିବସ ସପ୍ତାହ ଶେଷରେ ଏହି ଗୀତଟିଁକୁ ଉନ୍ମୋଚନ କରିଛୁ। ଏହି ସଙ୍ଗୀତ ମିଷ୍ଟର ଆଣ୍ଡ ମିସେସ୍ ଫିଲ୍ମ ଦ୍ୱାରା ନିର୍ଦ୍ଦେଶିତ ହୋଇଥିବାବେଳେ ହମ୍ ହିନ୍ଦୁସ୍ଥାନୀ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଦିଲଶାଦ ଶବୀର ଶେଖ। ଏହାର ଗୀତିକାର ତଥା ସଙ୍ଗୀତକାର କାଶୀଶ କୁମାର ଏବଂ ସଙ୍ଗୀତ ଆରେର ହେଉଛନ୍ତି ମୋହିତ ବିଟଲାବ। ବେଦାନ୍ତ ଗ୍ରୁପର ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ସହାୟତାରେ ଧମାକା ରେକର୍ଡର ସ୍ୱାଧୀନତା ଦିବସ ଜାତୀୟ ସଙ୍ଗୀତ 'ହମ ହିନ୍ଦୁସ୍ଥାନୀ'ର ଉନ୍ମୋଚନ ଅଗଷ୍ଟ ୧୩ରେ ସମ୍ପନ୍ନ ହୋଇଛି।

## ବଡଘୁମୁରି ପଂଚାୟତ ସଭାପତି ଶିବ ଶଙ୍କର

ବଡଚଣା : ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅନ୍ତର୍ଗତ ବଡଘୁମୁରି ପଂଚାୟତର ବିଜେଡି ସଭାପତି ଭାବେ ଶିବଶଙ୍କର ପରିଡାଙ୍କୁ ମନୋନୀତ କରାଯାଇଛି। ବଡଚଣା ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲଙ୍କ ସୁପାରିଶ ଓ ବଡଚଣାର ବିଧାୟକ ଅମର ପ୍ରସାଦ ଶତପଥିଙ୍କ ଅନୁମୋଦନ କ୍ରମେ ଶିବଶଙ୍କରଙ୍କୁ ବଡଘୁମୁରୀ ପଂଚାୟତର ବିଜେଡି ସଭାପତି ଭାବେ ମନୋନୀତ କରାଯାଇଛି। ଏଥିପାଇଁ ବଡଚଣାର ବିଧାୟକ ଅମର ପ୍ରସାଦ ଶତପଥି,ବିଜେଡି ସଭାପତି ଅରବିନ୍ଦ ସାମଲ,ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ,ବ୍ଲକ ଅଧ୍ୟକ୍ଷ ଭାଗ୍ୟଧର ମଲିକ,ଆମ୍ବା ଅଧ୍ୟକ୍ଷ ନିରଞ୍ଜନ ସେନାପତି,ଜିଲ୍ଲା ଉପସଭାପତି ଅମର ମହାନ୍ତି,ଯୁବ ଉପସଭାପତି ଅମିନ ଚରଣ ନାୟକ,କୋଷାଧ୍ୟକ୍ଷ ମିହିର ସ୍ୱାଇଁ,ସରପଂଚ ନିବେଦିତା ସାହୁ,ସମିତିସଭ୍ୟ ବିଜୟ କୁମାର ରାଉତରାୟ,ସରପଂଚ ପ୍ରତିନିଧି ଭବାନୀ ଶଙ୍କର ସାହୁଙ୍କୁ ନବ ନିଯୁକ୍ତ ଶିବଶଙ୍କର ପରିଡା କୃତଜ୍ଞତା ଜଣାଇବା ସହ ବଧାଇ ଜଣାଇଛନ୍ତି। ପଂଚାୟତ ସଭାପତି ଭାବେ ଶିବଶଙ୍କର ମନୋନୀତ ହେବା ପରେ ପଂଚାୟତର ସମସ୍ତ ବିଜେଡି କର୍ମୀଙ୍କ ସହ ପ୍ରମୋଦ ରଂଜନ ବାଗ,ରାମଚନ୍ଦ୍ର ସ୍ୱାଇଁ,ସୁଧିର କୁମାର ଖଣ୍ଡାଇ,ମିହିର କୁମାର ଖୁଂଟିଆ ଓ ବହୁ ୱାର୍ଡ ସଭ୍ୟ ଶିବଶଙ୍କରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପଂଚାୟତର ବିଜେଡି ସଂଗଠନକୁ ଦୃଢ଼ିଭୂତ କରିବା ପାଇଁ ସେ ସଂକଳ୍ପବଦ୍ଧ ବୋଲି ପ୍ରକାଶ କରିଛନ୍ତି।

## ସାରର ଅଭାବୀ ବିକ୍ରିକୁ ନେଇ ଚାଷୀ ଅସନ୍ତୋଷ

ରଣପୁର (ପି.ଏନ) : ରଣପୁର ଅଂଚଳର ଅଧିକାଂଶ ଲୋକେ ଚାଷକାର୍ଯ୍ୟ ଉପରେ ନିର୍ଭର କରନ୍ତି। ଚାଷକାର୍ଯ୍ୟ ପାଇଁ ସରାର ଆବଶ୍ୟକ ଥିବା ବେଳେ ରଣପୁର ଅଂଚଳରେ ସାରର ଆଭାବୀ ବିକ୍ରି ଦେଖାଦେଇଛି। ଚାଷୀମାନେ ବାରମ୍ବାର ସାର ପାଇଁ ରଣପୁରରେ ଥିବା ସରକାରୀ ଇଫୋକ ସାର ଗୋଦାମକୁ ଆସୁଥିବା ବେଳେ ସାର ଆସି ନଥିବା କହି ଚାଷୀମାନଙ୍କୁ ଫେରାଇ ଦିଆଯାଉଛି। ଯାହା ଫଳରେ ଶହ ଶହ ସଂଖ୍ୟକ ଚାଷୀ ଅସନ୍ତୋଷ ଥିବାବେଳେ ସାରର କଳା ବାଜାରୀ ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଏପଟେ ରଣପୁର କୃଷି ଅଧିକାରୀ ସାରର କଳା ବଜାରୀ ହେଉଥିବା ଅଭିଯୋଗକୁ ଖଣ୍ଡନ କରିଥିବା ବେଳେ ଚାଷୀମାନଙ୍କୁ ଆବଶ୍ୟକ ପରିମାଣର ସାର ଯୋଗାଇ ଦିଆଯାଉଥିବା କହିଛନ୍ତି। ବର୍ତମାନ ରଣପୁରର ସରକାରୀ ଇଫୋକ ସାର ଗୋଦାମରେ ୭୦ ଟନ ରୁ ଅଧିକ ୟୁରିଆ ସାର ମହଜୁଦ ଥିବା ରଣପୁର କୃଷି ଅଧିକାରୀ କହିଛନ୍ତି।

## ଅଳପୁଆରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ଦାବି ଜୋର ଧରିଲା

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଳପୁଆ ହାଇସ୍କୁଲ ପରିସରରେ ଏକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯିବାକୁ ଦୀର୍ଘ ବର୍ଷ ହେବ ଦାବି ହୋଇ ଆସୁଛି। ଚୀର ବନ୍ୟା ବାତ୍ୟା ପ୍ରପିଡିତ ଧୌଆଞ୍ଚଳର ଏହି ପ୍ରମୁଖ ଗ୍ରାମରେ କୃଷକ, ଖେଟିଆ ଏବଂ ଦଳିତ ସମ୍ପ୍ରଦାୟର ଲୋକମାନେ ବସବାସ କରନ୍ତି ଏବେ ମଧ୍ୟ ସେହି ଅଞ୍ଚଳର ବହୁ ଗରୀବ ଲୋକ ଝିମୋଟି ଘରେ ବସବାସ କରୁଛନ୍ତି ତେଣୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିରାପଦ ସ୍ଥାନ ଭାବେ ବାତ୍ୟା ଆଶ୍ରୟସ୍ଥଳୀହିଁ କାମରେ ଆସିପାରିବ। ଏଠାରେ ସୂଚନା ଯୋଗ୍ୟ ଯେ ଗତ ମହାବାତ୍ୟା ପରବର୍ତ୍ତି ସମୟରେ ଅଳପୁଆ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥିଲା।





ପବିତ୍ର ସ୍ୱାଧୀନତା ଦିବସ - ୨୦୨୧ ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

ବୈଶ୍ୱିକ ମହାମାରୀ କରୋନା ବିରୋଧରେ ସମଗ୍ର ମାନବଜାତିର ଲଢ଼େଇରେ ଓଡ଼ିଶାର ପ୍ରଦର୍ଶନ ବେଶ ଉତ୍ସାହଜନକ ଓ ପ୍ରେରଣାଦାୟୀ। ଏହି ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି।

ଗଣେଶୀ ଲାଲ
(ଗଣେଶୀ ଲାଲ)

DADLS-12
15001/13/0024/2122



୭୫ତମ ସ୍ୱାଧୀନତା ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
ଅଭିନନ୍ଦନ

୭୫ତମ ସ୍ୱାଧୀନତା ଦିବସ ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି।

ସ୍ୱାଧୀନତା ଦିବସ ଆମ ସମସ୍ତଙ୍କ ପାଇଁ ଏକ ଗର୍ବ ଓ ଗୌରବର ଦିନ। ଆସନ୍ତୁ, ଏହି ମହାର୍ଘ ମୂହୁର୍ତ୍ତ ଅବସରରେ ଶପଥ ନେଇ ଦେଶ ଓ ରାଜ୍ୟର ଗୌରବକୁ ନୂଆ ଶିଖରରେ ପହଞ୍ଚାଇବା ପାଇଁ ପ୍ରତିବଦ୍ଧତାର ସହ କାମ କରିବା।

(ନବୀନ ପଟ୍ଟନାୟକ)

DADLS-12
15001/13/0024/2122



ପବିତ୍ର ସ୍ୱାଧୀନତା ଦିବସ ଅବସରରେ
ବାର୍ତ୍ତା

ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଅବସରରେ ମୁଁ ଓଡ଼ିଶାବାସୀ ସମସ୍ତ ଭାଇଭଉଣୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଦେଶପ୍ରେମୀ ସଂଗ୍ରାମୀମାନଙ୍କର ଆତ୍ମୋତ୍ସର୍ଗ, ଜାତୀୟ ପ୍ରୀତି, ଅହିଂସା-ଅସହଯୋଗ ମନ୍ତ୍ର ବଳରେ ଭାରତର ସ୍ୱାଧୀନତା ପ୍ରାପ୍ତି ଆମର ମହାନ୍ ଉପଲବ୍ଧି।

ଆସନ୍ତୁ, ସ୍ୱାଧୀନତାର ମୂଲ୍ୟବୋଧକୁ ସ୍ମରଣ କରି ସେହି ସଂଗ୍ରାମୀମାନଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ କାର୍ଯ୍ୟ କରିବା। ସରକାରଙ୍କ ତରଫରୁ ବିଭିନ୍ନ ସମୟରେ ଜାରି କରାଯାଉଥିବା କୋଭିଡ୍ ମାର୍ଗଦର୍ଶିକାକୁ ଅନୁପାଳନ ସହ କରୋନା ମହାମାରୀକୁ ହରାଇ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ନିର୍ମାଣ କରିବାକୁ ସଂକଳ୍ପବଦ୍ଧ ହେବା।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-12
15001/13/0024/2122



ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ବଡ଼ଚଣା-ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା-ଧର୍ମଶାଳା, ଯାଜପୁର, ଓଡ଼ିଶା


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray